

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୪ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 04 AUGUST 2020

Vol.No. 30 ■ No. 196 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman

ଆଜିଠାରୁ ଚାଲିବ ମୋ ବସ୍

ଭୁବନେଶ୍ୱର,୩।୮ (ନି.ପ୍ର):ଆସନ୍ତାକାଲି (ମଙ୍ଗଳବାର) ଠାରୁ ମୋ ବସ୍ ଚଳାଚଳ ଆରମ୍ଭ ହେବ। ମୋଟ ୮ ଟି ରୁଟ୍ ରେ ନନ୍ ଏସି ବସ୍ ଚାଲିବ। ସକାଳ ୭ ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ବସ୍ ସେବା ଚାଲୁ ରହିବ। ରୁଟ୍ ନଂ ୧୧, ୧୬ , ୧୮, ୨୦, ୨୩, ୨୫ ,୨୭ ଓ ୩୩ରେ ମୋ ବସ୍ ଚାଲିବ। ତେବେ ଅଗଷ୍ଟ ମାସର ପ୍ରତି ସପ୍ତାହର ଶନିବାର ଓ ରବିବାର ଦିନ ମୋ ବସ୍ ଚାଲିବନାହିଁ। କ୍ୟାପିଟାଲ ରିଜନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ଲୁଟ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୧୭ ତାରିଖ ଠାରୁ ମୋ ବସ୍ ଚଳାଚଳ ବନ୍ଦ ରହିଥିଲା।

ଅମିତ ଶାହାଙ୍କ ଆରୋଗ୍ୟ କାମନା କରି ବିଜେପିର ଦୀପଦାନ

ଭୁବନେଶ୍ୱର, ୦୩ ଅଗଷ୍ଟ – କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଗତକାଲି କୋଭିଡ୍-୧୯ରେ ଆକ୍ରାନ୍ତ ହୋଇଥିବା ନେଇ ନିଜେ ଟୁଇଟର୍ ମାଧ୍ୟମରେ ସୂଚନା ଦେଇଥିବା କଥା ପ୍ରକାଶ ହେବା ପରେ ସମଗ୍ର ଦେଶବାସୀ ପକ୍ଷରୁ ତାଙ୍କ ଆରୋଗ୍ୟ କାମନା କରି ଦେଶର ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା କରାଯାଇଛି । ଭୁବନେଶ୍ୱରରେ ମଧ୍ୟ ଭାରତୀୟ ଜନତା ପାର୍ଟି ଭୁବନେଶ୍ୱର ଜିଲ୍ଲା ପକ୍ଷରୁ ଜିଲ୍ଲା ସଭାପତି ବାବୁ ସିଂଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ଗୃହମନ୍ତ୍ରୀ ଶୀଘ୍ର ସୁସ୍ଥ ଲାଭ କରିବା ପାଇଁ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ନିକଟରେ ଦୀପଦାନ କରାଯାଇଅଛି ।

କୋଭିଡ୍ ଚିକିତ୍ସା ପାଇଁ ନିମ୍ନମାନ ଔଷଧ, ପିପି କିଟ୍ ଯୋଗାଇ ଦିଆଯାଉଛି : ବିଜେପି

ଭୁବନେଶ୍ୱର,୩।୮ (ନି.ପ୍ର): କୋଭିଡ୍-୧୯ ଭଳି ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ସମୟରେ ଔଷଧ, ପିପିଇ କିଟ୍ ଆଦି ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ କାହିଁକି ବିଡିଓଙ୍କୁ ଅନୁରୋଧ କରିବେ ? ଏଭଳି ଜରୁରୀକାଳିନ ସ୍ୱାସ୍ଥ୍ୟ ସେବା ସମୟରେ ଆବଶ୍ୟକୀୟ ଔଷଧ, ପିପିଇ କିଟ୍ କାହିଁକି ଅଳ୍ପ ମାତ୍ରାରେ ଯୋଗାଇ ଦିଆଯାଉଛି ? କାହିଁକି ନିମ୍ନ ମାନର ଔଷଧ ଓ ପିପିଇ କିଟ୍ ଯୋଗାଇ ଦିଆଯାଉଛି ? ଏଥି ପାଇଁ କଣ ପ୍ରଶାସନ ଓ ରାଜ୍ୟ ସରକାର ଦାୟୀ ନୁହନ୍ତି ବୋଲି ରାଜ୍ୟ ଉପସଭାପତି ଶ୍ରୀ ଭୃଗୁ ବକ୍ସିପାତ୍ର ପ୍ରଶ୍ନ କରିଛନ୍ତି । ଶ୍ରୀ ବକ୍ସିପାତ୍ର ଅଭିଯୋଗ କରି କହିଛନ୍ତି ଯେ, ଗତ କିଛି ଦିନ ହେଲାଣି ଗଂଜାମ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ଲବୃଦ୍ଧି ପାଇବାରେ ଲାଗିଛି । ଅକ୍ସିଜେନ ଅଭାବ କାରଣରୁ ଆକ୍ରାନ୍ତଙ୍କ ମୃତ୍ୟୁ ହେଉଛି । ପରିଚାଳନା ତ୍ରୁଟି କାରଣରୁ ଡାକ୍ତରଖାନାରେ ୨୪ ଘଂଟିଆ ଡାକ୍ତରୀ ସେବାର ଅଭାବ ପରିଲକ୍ଷିତ ହେଉଛି । ଜିଲ୍ଲାରେ କୋଭିଡ୍ ଚିକିତ୍ସା ପାଇଁ ମାତ୍ର ୩୦୦ଟି ବେଡ୍ ରହିଥିବାବେଳେ ଅକ୍ସିଜେନ ଅଭାବ ପରିଲକ୍ଷିତ ହେବା ଅତ୍ୟନ୍ତ ଚିନ୍ତାଜନକ ବୋଲି ଶ୍ରୀ ବକ୍ସିପାତ୍ର ଅଭିଯୋଗ କରିଛନ୍ତି । ଅକ୍ସିଜେନ ସିଲିଣ୍ଡର ଯୋଗାଉଥିବା ସଂସ୍ଥା କିମ୍ବା ଭେଣ୍ଡରକୁ କାହିଁକି ରାଜ୍ୟ ସରକାର ଏବଂ ପ୍ରଶାସନ ପ୍ରଶ୍ନ କରୁନାହାନ୍ତି ? ସେହିପରି କୋଭିଡ୍ ଚିକିତ୍ସା ପାଇଁ ଯୋଗାଇ ଦିଆଯାଉଥିବା ପାରାସିଟାମୋଲ ଓ ଆଜିଥ୍ରୋମାଇସିନ ଟାବଲେଟ୍, ପିପିଇ କିଟ୍ ଅତ୍ୟନ୍ତ ନିମ୍ନ ମାନର ହୋଇଥିବା କାରଣରୁ ରୋଗୀଟି ପ୍ରକୃତ ଚିକିତ୍ସା ପାଇବାରୁ ବଂଚିତ ହେଉଛି । ରାଜ୍ୟ ସରକାରଙ୍କ ନିୟମାନୁଯାୟୀ କୋଭିଡ୍ ଚିକିତ୍ସା ପାଇଁ ଆବଶ୍ୟକୀୟ ଔଷଧ, ଟେଷ୍ଟିଂ ସାମଗ୍ରୀ ଆଦି ସ୍ଥାନୀୟ ବିଡିଓ ଡାକ୍ତରଙ୍କୁ ଯୋଗାଇ ଦିଅନ୍ତି । ଏପରିକି ଡାକ୍ତରଙ୍କ ଆବଶ୍ୟକୀୟ ମୁତାବକଔଷଧ, ଟେଷ୍ଟିଂ ସାମଗ୍ରୀ, ପିପିଇ କିଟ୍ ଆଦି ବିଡିଓ ଯୋଗାଉ ନାହାନ୍ତି । ଆଜିକାର ଏଭଳି ସଂକଟ ସମୟରେ ବିଡିଓଙ୍କୁ କାହିଁକି ଦାୟିତ୍ୱ ଦିଆଯାଇଛି ବୋଲି ଶ୍ରୀ ବକ୍ସିପାତ୍ର ପ୍ରଶ୍ନ କରିଛନ୍ତି । ରୋଗୀଟି ଥରେ ଆଇସୋଲେସନ କେନ୍ଦ୍ରକୁ ଗଲା ପରେ ତାଙ୍କର ସ୍ଥିତି ସଂପର୍କରେ କେହି ହେଲେ ଜାଣି ପାରୁ ନାହାନ୍ତି। ଏପରିକି ଆକ୍ରାନ୍ତଙ୍କ ପରିବାର ସଦସ୍ୟ ମଧ୍ୟ କିଛି ଜାଣୁ ପାରୁ ନାହାନ୍ତି । ପରିବାର ସଦସ୍ୟ ପଚାରିଲେ ତାଙ୍କୁ ବିଭିନ୍ନ ଆଳ ଦେଖାଇ କିଛି କୁହାଯାଉନାହିଁ । ସମସ୍ତ କୋଭିଡେ ସେଂଟର ଓ ଡାକ୍ତରଖାନାରେ ସିସି ଟିଭି ଲଗାଯାଉ ଏବଂ ଏମିତି କିଛି ଅଭିଯୋଗ ଆସିଲେ ସତ୍ୟାସତ୍ୟକୁ ପ୍ରଶାସନ ଓ ରାଜ୍ୟ ସରକାର ପ୍ରମାଣ କରନ୍ତୁ ନଚେତ୍ ବ୍ୟବସ୍ଥା ଉପରେ ସନ୍ଦେହ ଆହୁରି ଅଧିକ ଘନିଭୂତ ହେବ ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି ।

ପ୍ରଶାସନିକ ସ୍ତରରେ ଅଦଳ ବଦଳ : ବଦଳିଲେ ଖୋର୍ଦ୍ଧା ଜିଲ୍ଲାପାଳ

ଭୁବନେଶ୍ୱର,୩।୮ (ନି.ପ୍ର): ରାଜ୍ୟରେ ପ୍ରଶାସନିକ ସ୍ତରରେ ଅଦଳ ବଦଳ ହୋଇଛି। ଉଭୟ ଆଇଏଏସ୍ ଏବଂ ଓଏଏସ୍ ସ୍ତରରେ ଏହି ଅଦଳ ବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏସମ୍ପର୍କରେ ବିଜ୍ଞପ୍ତି ଜାରି କରାଯାଇଛି। ଖୋର୍ଦ୍ଧା ଜିଲ୍ଲାପାଳ ସୀତାଂଶୁ କୁମାର ରାଉତଙ୍କୁ ବ୍ରହ୍ମପୁର ଚକବନ୍ଦୀ ଅତିରିକ୍ତ କମିସନର ଭାବେ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲ୍ଲାପାଳ ଭାବେ ସନତ କୁମାର ମହାନ୍ତିଙ୍କୁ ଅବସ୍ଥାପିତ କରାଯାଇଛି । ଶ୍ରୀ ମହାନ୍ତି ବର୍ତମାନ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ▶▶ପୃଷ୍ଠା ୭

ଦେଶରେ ଗତ ୨୪ ଘଂଟାରେ ୭୭୧ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୩।୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୫୨୯୭୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ମାମଲା ସଂଖ୍ୟା ୧୮,୦୩,୯୬୯ କୁ ବୃଦ୍ଧି ପାଇଛି । ଗତ ୨୪ ଘଂଟା ମଧ୍ୟରେ ୭୭୧ ଜଣଙ୍କର ମୃତ୍ୟୁ ଘଟିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ ୫,୭୯,୩୫୭ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତମାନ ସୁଦ୍ଧା ୩୮୧୩୫ ମୃତ୍ୟୁବରଣ କରିଛନ୍ତି।

ରାଜ୍ୟର ୧୩ଟି ଜିଲ୍ଲାରେ ହୋଇଛି ସ୍ୱାଭବିକଠାରୁ କମ ବର୍ଷା

ଭୁବନେଶ୍ୱର,୩।୮ (ନି.ପ୍ର): ଜୁନ ୧ ଠାରୁ ୩ ଅଗଷ୍ଟ ଯାଏ ରାଜ୍ୟର ୧୩ଟି ଜିଲ୍ଲାରେ ସ୍ୱାଭବିକ ବର୍ଷା ଠାରୁ କମ ବର୍ଷା ହୋଇଛି । ଭୁବନେଶ୍ୱର ସ୍ଥିତ ପାଣିପାଗ ବିଭାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆ ଯାଇଛି। କେନ୍ଦ୍ର ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏହି ଜିଲ୍ଲା ମଧ୍ୟରେ ପୁରୀରେ ୪୮% କମ ବର୍ଷା ହୋଇଥିବା ବେଳେ ,ଭଦ୍ରକରେ ୨୯% ,ବାଲେଶ୍ୱରରେ ୪୧% କମ ବର୍ଷା ରେକର୍ଡ କରା ଯାଇଛି। ସେହିପରି କେନ୍ଦ୍ରାପଡାରେ ୪୮% କମ ବର୍ଷା ହୋଇଥିବା ବେଳେ ଯାଜପୁରରେ ୪୭% , ଖୋର୍ଦ୍ଧାରେ ୪୬%,କଟକରେ ୪୦% କମ ବର୍ଷା ରେକର୍ଡ ହୋଇଛି । ସେହିପରି ସୋନପୁରରେ ୩୭%, ଜଗତସିଂହପୁରରେ ୩୪% କମ ବର୍ଷା ରେକର୍ଡ କରା ଯାଇଥିବା ବେଳେ ମୟୁରଭଞ୍ଜରେ ୨୬%, ନ ୟ । ଗ ଡ େ ର ୨୫%,କେନ୍ଦୁଝରରେ ୨୨% ଏବଂ ବଲାଙ୍ଗୀରରେ ୨୧% କମ ବର୍ଷା ରେକର୍ଡ ହୋଇଛି ।

ରାଜ୍ୟରେ ଆଉ ୧୦ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୨୦୭ ହେଲା

ଭୁବନେଶ୍ୱର,୩।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୨୦୭କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ ଓ ରାୟଗଡା ଜିଲ୍ଲାରୁ ତିନି ଜଣ ଲେଖାଏ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ୨ଜଣ ତଥା ଖୋର୍ଧା ଓ କଳାହାଣ୍ଡି ଜିଲ୍ଲାରୁ ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାର ୪୮ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ସେହିପରି କଳାହାଣ୍ଡି ଜିଲ୍ଲାର ଜଣେ ୬୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ହାଇପର ଟେନସନରେ ପୀଡିତ ଥିଲେ । ଗଜପତି ଜିଲ୍ଲାର ଜଣେ ୩୪ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସେହିପରି ଭାବେ ରାୟଗଡାର ଜଣେ ୭୯ ବର୍ଷୀୟା କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ

୫୪ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ରାୟଗଡା ଜିଲ୍ଲାରେ ଜଣେ ୬୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ହାଇପର ଟେନସନ ▶▶ପୃଷ୍ଠା ୭

ଭୁବନେଶ୍ୱରରୁ ୮୯ ଆକ୍ରାନ୍ତ : ୧୦୭ ସୁସ୍ଥ

ଭୁବନେଶ୍ୱର,୩।୮ (ନି.ପ୍ର): ରାଜଧାନୀବାସୀଙ୍କ ପାଇଁ ସୋମବାର ଦିନ ରହିଥିଲା ଆଶ୍ୱସ୍ତିକର। କାରଣ ଆଜି କରୋନାଆକ୍ରାନ୍ତଙ୍କ ତୁଳନାରେ ସୁସ୍ଥଙ୍କ ସଂଖ୍ୟା ଢେର ଅଧିକ ରହିଛି। ଦୀର୍ଘ ଦିନ ପରେ ଭୁବନେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ତଳକୁ ରହିଛି। ସୋମବାର ଦିନ ୮୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୧୦୭ ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୬୫ ଜଣ କ୍ୱାରେଂଟାଇନ୍ ରୁ ଓ ୨୪ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩ହଜାର ଟପି ୩୦୬୮ ଛୁଇଁଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୧୭୯୮କୁ ବୃଦ୍ଧି ପାଇଛି , ୧୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୨୫୦ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ବିଏମସି ରେ ସୂଚନା ଅନୁଯାୟୀ ଆଳୁଗଦି ଲିଙ୍କ୍ ମାମଲାରେ ଆଇଗିଣିଆରୁ ପୁଣି ୧୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ରିଜର୍ଭ ପୋଲିସ୍ କଲୋନିରୁ ୭ ଜଣ, ଗୌତମ ନଗର ବସ୍ତିରୁ ୫ ଜଣ, ଚନ୍ଦ୍ରଶେଖରପୁର ଶ୍ରମିକ ବସ୍ତିରୁ ୩ ଜଣ, ଜାଗମରା ଉପରସାହିରୁ ୩ ଜଣ, ରସୁଲଗଡ ଜିଜିପି କଲୋନୀରୁ ୩ ଜଣ, ବଡଗଡ ନୂଆସାହିରୁ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ଗଞ୍ଜାମ କରୋନା ପରିସ୍ଥିତି ଭୟାନକ : ନିରଞ୍ଜନ

ଭୁବନେଶ୍ୱର,୩।୮ (ନି.ପ୍ର): ସରକାରଙ୍କ ବିଫଳତା ପାଇଁ ରାଜ୍ୟରେ କରୋନା ଅତି ଭୟଙ୍କର ପରିସ୍ଥିତିରେ ପହଂଚିଲାଣି।ବିଶେଷ କରି ଗଞ୍ଜାମ ପରିସ୍ଥିତି ବର୍ତମାନ ଅତି ଭୟାବହ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଗଂଜାମରେ କରୋନା ସ୍ଥିତି ସମ୍ପର୍କରେ ଉଦବେଗ ପ୍ରକାଶ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଗଞ୍ଜାମ ଜିଲ୍ଲାରେ ଚିହ୍ନଟ ହୋଇଛନ୍ତି ଏଯାବତ୍ ୧୦ ହଜାର ୯୯୨ ସଂକ୍ରମିତ ଓ ୧୦୩ ଜଣଙ୍କ ମୃତ୍ୟୁ ହୋଇଛି। ଜିଲ୍ଲାରେ ସର୍ଭେ ଓ ସଂକ୍ରମିତ ବ୍ୟକ୍ତିମାନଙ୍କ ପରୀକ୍ଷା ଧିମା ହୋଇଛି। ଆଂଟି ଜେନ ଓ ଆରଟି ପିସିଆର୍ ଟେଷ୍ଟ କରାଯାଉଛି। ଟେଷ୍ଟ ରିପୋର୍ଟ ସଠିକ୍ ହେଉନି। ଟେଷ୍ଟ ପାଇଁ ଗ୍ରାମାଂଚଳରେ ମୋବାଇଲ ଗାଡ଼ି ବୁଲୁନାହିଁ। ଟେଷ୍ଟ ବିଳମ୍ବ ହେଉଛି। କୋଭିଡ ହସ୍ପିଟାଲ୍ ଯିବା ପୂର୍ବରୁ ମୃତ୍ୟୁ ହେଉଛି। କୋଭିଡ ହସ୍ପିଟାଲ୍,କୋଭିଡ କେୟାର ହୋମ୍ ଓ କୋଭିଡ କେୟାର ସେଂଟରରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁନି। ରୋଗୀଙ୍କୁ କୋଭି ଫ୍ଲୁଇଞ୍ଜେକସନଜ ଦିଆଯାଉନହିଁ।ନିମ୍ନମାନର ଖାଦ୍ୟ ଦିଆଯାଉଛି। ସୁସ୍ଥ ହେବା ପୂର୍ବରୁ ରୋଗୀଙ୍କୁ ଡିସଚାର୍ଜ କରାଯାଉଛି। ମୃତ୍ୟୁ ପରେ ଶବ ପରିବାରକୁ ଦିଆଯାଉନହିଁ। ଖବର ବି ମିଳୁନି। ହିନ୍ଦୁ ପରମ୍ପରା ▶▶ପୃଷ୍ଠା ୭

ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୧୩୨୭୨ କରୋନା ପରୀକ୍ଷଣ

ଭୁବନେଶ୍ୱର,୩।୮ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୧୩୨୭୨ କରୋନା ପରୀକ୍ଷଣ ହୋଇଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୫୫୬୫୮୮ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ହୀରାକୁଦ ଜଳଭଣ୍ଡାରରେ ହେବ କେଜ୍ କଲ୍‌ଚର୍ ମାଛ ଚାଷ

ଭୁବନେଶ୍ୱର,୩।୮ (ନି.ପ୍ର): ରାଜ୍ୟର ମଧୁର ଜଳ ମାଛ ଉତ୍ପାଦନ ବୃଦ୍ଧି ନିମନ୍ତେ, ପଞ୍ଜୁରୀ ଭିତରେ ମାଛ ଚାଷ ଏକ ଉନ୍ନତ ଓ ଅଭିନବ ଜ୍ଞାନ କୌଶଳ ଏବଂ ଏହା ପ୍ରଚୁର ମାଛ ଉତ୍ପାଦନ ପାଇଁ ଏକ ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି କରିବ। ଏହା ଦ୍ୱାରା ରାଜ୍ୟ, ମାଛର ଆବଶ୍ୟକତା ପୂରଣ କରିବା ସହିତ ସ୍ୱାବଲମ୍ବୀ ହୋଇପାରିବ ଏବଂ ଜଳକୃଷି କ୍ଷେତ୍ରରେ ମତ୍ସ୍ୟ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ସହିତ ନୂତନ ନିଯୁକ୍ତି ସୃଷ୍ଟି କରି ପାରିବ। ପ୍ରଥମ ଦଫାରେ ଏହି ପଞ୍ଜୁରୀ ଭିତରେ ମାଛ ଚାଷ ନିମନ୍ତେ ହୀରାକୁଦ ଜଳଭଣ୍ଡାରକୁ ୫ଟି ଜୋନ୍ ଏବଂ ୧୦୦ ଗୋଟି ସବ୍‌ଜୋନ୍‌ରେ ବିଭକ୍ତ କରାଯାଇଛି, ଯେଉଁଥିରେ ପ୍ରାୟ ୨୪୦୦ ଗୋଟି ପଞ୍ଜୁରୀ ସ୍ଥାପନ କରାଯାଇ ପାରିବ। ଏହି ସ୍ଥିରିକୃତ ସବ୍ ଜୋନ୍ ଗୁଡ଼ିକ ମୁଖ୍ୟତଃ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି, ମତ୍ସ୍ୟ ଚାଷୀ, ଘରୋଇ ଉଦ୍ୟୋଗୀ ଏବଂ କମ୍ପାନୀମାନଙ୍କୁ ଲିଜ୍ ସୂତ୍ରରେ ପ୍ରଦାନ କରାଯିବ। ପ୍ରତ୍ୟେକ ସବ୍‌ଜୋନ୍‌ରେ ପଞ୍ଜୁରୀ ନିମନ୍ତେ ୬୦୦ ବର୍ଗ ମିଟର ପରିମିତ ଜଳଭାଗ ରହିବ ଏବଂ ସେଥିରେ ୬ ମିଟର ଲମ୍ବ ଘଂ ୪ମିଟର ପ୍ରସ୍ଥ ଘଂ ୪ ମିଟର ଗଭୀରତା ବିଶିଷ୍ଟ ୨୪ ଗୋଟି ଆୟତାକାର ପଞ୍ଜୁରୀ କିମ୍ବା ୧୬ ମିଟର ବ୍ୟାସ ବିଶିଷ୍ଟ ୩ ଗୋଟି ଗୋଲାକାର ପଞ୍ଜୁରୀ ସ୍ଥାପନ କରାଯାଇ ପାରିବ। ପ୍ରତି ଆୟତାକାର ପଞ୍ଜୁରୀରୁ ୩୦୦୦ କି.ଗ୍ରା. ପର୍ଯ୍ୟନ୍ତ ମାଛ ଉତ୍ପାଦନ କରାଯାଇ ପାରିବ। ▶▶ପୃଷ୍ଠା ୭

ଗୋଟିଏ ଦିନରେ ଆଉ ୧୩୮୪ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୩୬୨୯୭କୁ ବୃଦ୍ଧି

ଭୁବନେଶ୍ୱର,୩।୮ (ନି.ପ୍ର): ରାଜ୍ୟରେ ଆଉ ୧୩୮୪ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୩୬୨୯୭ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୩୮୪ ଜଣଙ୍କ ମଧ୍ୟରୁ ୮୭୩ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୫୧୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ସବୁଠାରୁ ଅଧିକ ୩୩୧ ଟି ନୂଆ ମାମଲା ସାମନାକୁ ଆସିଛି ।

ରାମକୋ ସିମେଂଟ କାରଖାନା ପାଇଁ ପ୍ରସ୍ତୁତ ବିଦ୍ୟୁତ ଗ୍ରୀଡ୍ ଉଦ୍‌ଘାଟିତ

ଧର୍ମଶାଳା,୦୩।୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ଠାରେ ନୂତନ ଭାବେ ହୋଇଥିବା ରାମକୋ ସିମେଂଟ କାରଖାନାର ବିଦ୍ୟୁତ ଗ୍ରୀଡ ଆଜି ଉଦଘାଟିତ ହୋଇଛି । ଫଳରେ ରାମକୋ ସିମେଂଟ କାରଖାନାଟି ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଯାଜପୁର ରୋଡ-କେନ୍ଦ୍ରାପଡା ୧୩୨ କେଭି ଡିସି ଲାଇନରୁ ୧୩୨ କେଭି ସ୍ୱିଚ ଷ୍ଟେସନକୁ ବିଦ୍ୟୁତ ରାମକୋ ସଂଯୋଗ କରାଯାଇଛି । ୩୦ କୋଟି ବ୍ୟୟରେ ଏମଏସ ଏ.କେ ଦାସ ଆସୋସିଏଟ ଦ୍ୱାରା ନିର୍ମିତ ଏହି ଗ୍ରୀଡ ଷ୍ଟେସନକୁ ଓପିଟିସିଏଲ ଫାଇନାନ୍ସର ମୁଖ୍ୟ ପରିଚାଳକ ସମୀର କୁମାର ସ୍ୱାଇଁ ଆଜି ଉଦଘାଟନ କରିଛନ୍ତି । ଓଡିଶା ସରକାରଙ୍କ ଶିଳ୍ପ ନୀତିର ଯଥାର୍ଥ ରୂପାୟନ ସହ ଆଉ ଏକ ସଫଳ ଶିଳ୍ପ କାର୍ଯ୍ୟକ୍ଷମ ହୋଇଛି । ଶିଳ୍ପ ଲାଗି ଅପରିହାର୍ଯ୍ୟ ଶକ୍ତି ଯୋଗାଣ ବା ଶକ୍ତି ସଂଯୋଗ ଦ୍ୱାରା ସଦଭାବନାର ଦିଗ ଅଧିକ ସଂପ୍ରସାରିତ ହୋଇଛି । ରାମକୋ କମ୍ପାନୀର ନିଜସ୍ୱ ପୁଞ୍ଜି ବିନିଯୋଗରେ ନିର୍ମିତ ଏହି ୧୩୨କେଭି ଗ୍ରୀଡରୁ ରାମକୋ ସିମେଂଟ କାରଖାନାକୁ ବିଦ୍ୟୁତ ସଂଯୋଗ ହେବା ସହିତ ଏହାର ଆଖପାଖ ଅଂଚଳକୁ ମଧ୍ୟ ବିଦ୍ୟୁତ ଯୋଗାଣ ହୋଇପାରିବ । ଏହି ବିଦ୍ୟୁତ କେନ୍ଦ୍ରାପଡା ଜିଲା ପର୍ଯ୍ୟନ୍ତ ଯୋଗାଣର ଲକ୍ଷ୍ୟ ରଖାଯାଇଛି । ରାମକୋ କମ୍ପାନୀ ଖୁବ୍ ଶିଘ୍ର ଏହି ଗ୍ରୀଡକୁ ଓପିଟିସିଏଲକୁ ହସ୍ତାନ୍ତର କରିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଡାଇରେକ୍ଟର ଏ.କେ. ଦାସ ଆସୋସିଏଟ ଲିମିଟେଡର ମୁଖ୍ୟ ଅମୀୟ କାନ୍ତ ଦାସଙ୍କ ସମେତ କମ୍ପାନୀର ସଦସ୍ୟ ଓ ଓପିଟିସିଏଲ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଓଡିଶା ସରକାର ଶିଳ୍ପକୁ ଗୁରୁତ୍ୱ ଦେଉଛନ୍ତି ଏବଂ ଏହି ବିଦ୍ୟୁତ କାର୍ଯ୍ୟକ୍ଷମ ହେଲେ ଏହା ସ୍ଥାନୀୟ ଜନସାଧାରଣଙ୍କର କାମରେ ଆସି ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ କରୋନା ସଂକ୍ରମଣ ନିମନ୍ତେ ନିର୍ଦ୍ଦିଷ୍ଟ ସମୟ ତଥା ଏହା ୮ ମାସ ଭିତରେ କାର୍ଯ୍ୟକ୍ଷମ ହୋଇପାରିଛି । ଏନେଇ ତୁରନ୍ତ କାର୍ଯ୍ୟ ସମ୍ପାଦନ ହୋଇଥିବାରୁ ଓପିଟିସିଏଲ କର୍ମକର୍ତା,ବିଭାଗୀୟ ଯନ୍ତ୍ରୀ ଏବଂ କର୍ମଚାରୀ ଏବଂ ବିଶେଷ କରି ଓପିଟିସିଏଲ କନଷ୍ଟ୍ରକସନ ଏବଂ ପରିଚାଳନା ବିଭାଗକୁ ଏକେ ଦାସ ଆସୋସିଏସନ ଓ କମ୍ପାନୀ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ଏହି ସୁଇଚିଂ ଷ୍ଟେସନ ବ୍ୟବସ୍ଥାରୁ ଭବିଷ୍ୟତରେ ଓପିଟିଏଲର ଅନ୍ୟ ପ୍ରକଳ୍ପ କିମ୍ବା ଗ୍ରାମ୍ୟ ବିଦ୍ୟୁତ ବଂଟନ ବ୍ୟବସ୍ଥା ପାଇଁ ବ୍ୟବହାର କରାଯାଇପାରିବ । ସରକାର ଶିଳ୍ପ ପ୍ରୋତ୍ସାହନ ଯୋଜନାରେ ଶକ୍ତି ସଂଯୋଗର ଏହି ଗୁରୁତ୍ୱ କାର୍ଯ୍ୟ ରେକର୍ଡ ସମୟରେ ବିଦ୍ୟୁତ କାର୍ଯ୍ୟ ସମ୍ପାଦନକାରୀ କମ୍ପାନୀ ଏକେ ଦାସ ଆସୋସିଏସନ ଲିମିଟେଡ ଦ୍ୱାରା କରାଯିବା ଓ ରାଜ୍ୟ ଶିଳ୍ପ ନୀତି ରୂପାୟନର କେବଳ ଏକ ସଫଳତା ନୁହେଁ ଏକ ଉଦାହରଣ ମଧ୍ୟ । ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଅନେକ ଶିଳ୍ପ ସଂସ୍ଥା ଆଗ୍ରହ ପ୍ରକାଶ କରୁଥିବା ବେଳେ ସେହି ତାଲିକାରେ ଏକାଧିକ ସିମେଂଟ କମ୍ପାନୀ ରହିଛନ୍ତି । ସରକାର ଶିଳ୍ପ ପ୍ରୋତ୍ସାହନ ତଥା ରୂପାୟନରେ ବିଭାଗୀୟ ସକ୍ରିୟତା କ୍ଷେତ୍ରରେ ରାମକୋ ସିମେଂଟର ବିଦ୍ୟୁତ ସଂଯୋଗ ଉତ୍ପାଦନକୁ ସିଧାସଳଖ ପ୍ରୋତ୍ସାହିତ ତଥା ସହଯୋଗ କରୁଥିବାରୁ ତାହା ରାଜ୍ୟ ତଥା ରାଜ୍ୟବାସୀଙ୍କ ସ୍ୱାର୍ଥର ସୁରକ୍ଷା ମଧ୍ୟ ବହନ କରୁଛି ।

ସଟ୍ ଡ଼ାଉନକୁ ନେଇ ଜନ ଅସନ୍ତୋଷ କୁହୁଳିବା ଆରମ୍ଭ କରିଛି

ବାରିପଦା,୦୩।୮ (ନି.ପ୍ର): କୋଭିଡ୍-୧୯ ପରିଚାଳନା କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ନେଉଥିବା ପଦକ୍ଷେପକୁ ବାରିପଦା ପୌରବାସୀ ନିଜର ଅସନ୍ତୋଷ ଭାବ ପ୍ରକାଶ କରିବା ଆରମ୍ଭ କରିଦେଇଛନ୍ତି । ସାମାଜିକ ଗଣମାଧ୍ୟମ ଟୁଇଟରରେ ପ୍ରଶାସନକୁ ସମାଲୋଚନା ଆରମ୍ଭ ହୋଇସାରିଛି । କୋଭିଡ୍-୧୯ ମାଗଦର୍ଶୀକାରେ ଜାରି କରାଯାଇଥିବା କଟକଣା ଗତ ଜୁଲାଇ ୩୧ ପର୍ଯ୍ୟନ୍ତ ରହିଥିଲା । ଅଗଷ୍ଟ ୧ରେ ସଂଖ୍ୟାଲଘୁ ସମ୍ପ୍ରଦାୟ(ମୁସଲିମ)ମାନଙ୍କ ବକ୍ରିଇଦ ପର୍ବ ଓ ଅଗଷ୍ଟ ୩ରେ ହିନ୍ଦୁମାନଙ୍କ ବଳରାମଙ୍କ ଜନ୍ମ ଓ ପବିତ୍ର ଗହ୍ଣାପୂର୍ଣ୍ଣିମା ପର୍ବ ରହିଛି । ତେଣୁ ଅଗଷ୍ଟ ୧ ଓ ୨ ଶନିବାର ଓ ରବିବାର ପଡୁଥିବାରୁ ଗତ ଜୁଲାଇ ମାସ ପରି ଅଗଷ୍ଟରେ ସଟ୍ ଡ଼ାଉନ ବଳବତର ରହିବ କି ନାହିଁ ତାହା ଜାଣିବା ନିମନ୍ତେ ବ୍ୟସ୍ତ ହୋଇ ପଡ଼ିଥିଲେ । କାରଣ ଉଭୟ ମୁସଲିମ ଓ ହିନ୍ଦୁ ସମ୍ପ୍ରଦାୟ ସେମାନଙ୍କ ପବିତ୍ର ପର୍ବକୁ ପାଳନ କରିବା ନିମନ୍ତେ ପ୍ରସ୍ତୁତ ହେବାକୁ ନେଇ ପ୍ରଶାସନ ପକ୍ଷରୁ କଣ ମାର୍ଗଦର୍ଶୀକା ଜାରି ହେବ ତାହାକୁ ଅପେକ୍ଷାରେ ରହିଥିଲେ । ପୁଣି ସନ୍ଧ୍ୟା ୬ରୁ ଦୋକାନବଜାର ବନ୍ଦ ହେବେ । ଏହି ସମୟରେ ପ୍ରଶାସନ ପକ୍ଷରୁ କୌଣସି ମାର୍ଗଦର୍ଶୀକା ଜାରି କରାଯାଇନଥିବା ସମୟରେ ପୁଲିସ ପକ୍ଷରୁ ପୂର୍ବ ଭଳିନିବାର ଓ ରବିବାର ସଟ୍ ଡ଼ାଉନ ବଳବତର ରହିବ ବୋଲି ମାଇକ ପ୍ରଚାର କରାଗଲା । ଏହାପରେ ରାତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ କୋଭିଡ୍-୧୯ ମାର୍ଗଦର୍ଶୀକା ଜାରି କଲେ । ଯେଉଁଥିରେ ଅଗଷ୍ଟ ମାସର ପ୍ରଥମ ସପ୍ତାହର ଶନିବାର ଓ ରବିବାର ସଟ୍ ଡ଼ାଉନକୁ କୋହଳ କରାଗଲା ବୋଲି ଘୋଷଣା କରାଗଲା । ତେଣୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ପୁଲିସର ଭିନ୍ନ ଭିନ୍ନ ଘୋଷଣାକୁ ନେଇ ଜନ ଅସନ୍ତୋଷ ଦେଖା ଦେଲା । ପୁଣି ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧାରଣ ଜନତାଙ୍କ ନିମନ୍ତେ ସରକାରୀ କାର୍ଯ୍ୟାଳୟକୁ ପ୍ରବେଶ ଉପରେ ଲଗାଯାଇଥିବା କଟକଣାକୁ ମଧ୍ୟ ଜନସାଧାରଣ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଏବଂ କୋଭିଡ୍-୧୯ ପରିଚାଳନା ଉପରକୁ ଅଙ୍ଗୁଳି ଉଠାଇବା ଆରମ୍ଭ କରିଥିବାର ପରିଲକ୍ଷିତ ହୋଇଛି ।

ଆନନ୍ଦପୁର ପୌରାଂଚଳରେ କଂଟେନମେଂଟ କଟକଣା

ଆନନ୍ଦପୁର,୦୩।୮ (ନି.ପ୍ର): ପ୍ରଶାସନିକ ନିର୍ଦ୍ଦେଶ ପ୍ରକାରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ପୌରାଂଚଳରେ ଆଜିଠୁ କଂଟେନମେଂଟ କଟକଣା ଲାଗୁ କରାଯାଇଛି । ଆଜିଠୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ୭ ଦିନ ପାଇଁ ପୌରାଂଚଳର ମୋଟ୍ ୧୬ ଟି ଯାକ ୱାର୍ଡ଼ରେ ଏହି କଟକଣା ବଳବତର ରହିବ । ପୌରାଂଚଳରୁ ଇତିମଧ୍ୟରେ ୬୯ ଜଣ ଆକ୍ରାନ୍ତ ଚିହ୍ନଟ ହେଲେଣି । ଯାହାକୁ ଦୃଷ୍ଟିରେ ରଖି ଆକ୍ରାନ୍ତଙ୍କ କଂଟାକ୍ଟ ଟ୍ରେସିଂ, ନମୂନା ସଂଗ୍ରହ ଓ କୋଭିଡ୍ ଟେଷ୍ଟ ନିମନ୍ତେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡିଛି । ସମ୍ପୃକ୍ତ ଅଂଚଳକୁ ବାହାର ଲୋକଙ୍କ ପ୍ରବେଶ ଓ ପ୍ରସ୍ଥାନ ଉପରେ କଟକଣା ଜାରୀ କରାଯାଇଛି ।

ନୂତନ କଲେଜ ଅଧ୍ୟକ୍ଷଙ୍କ ଯୋଗଦାନ

ନୂଆପଡା,୦୩।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ସ୍ୱୟଂଶାସିତ କଲେଜର ନୂତନ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ କଲେଜର ବରିଷ୍ଠ ଅଧ୍ୟାପିକା ଡଃ ଅନୁପମା ପାଢୀ କାର୍ଯ୍ୟରେ ଯୋଗଦାନ କରିଛନ୍ତି । କଲେଜର କାର୍ଯ୍ୟକାରୀ ଅଧ୍ୟକ୍ଷ ଡଃ ହରେନ୍ଦ୍ର କୁମାର ପଣ୍ଡାଙ୍କ ଠାରୁ ଶ୍ରୀମତୀ ପାଢୀ କଲେଜର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀମତୀ ପାଢୀ ଉଚ୍ଚ ଶିକ୍ଷା ପିଏଚଡି ପାଇଁ ଛୁଟିରେ ରହିଥିଲେ । ସେ କାର୍ଯ୍ୟରେ ଯୋଗଦାନ ପରେ କଲେଜର କାର୍ଯ୍ୟକାରୀ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ ପରେ କଲେଜର ବିକାଶ ଦିଗରେ ଧ୍ୟାନ ଦିଅଯିବ ବୋଲି ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି । ପୂର୍ବତନ କଲେଜ ଅଧ୍ୟକ୍ଷ ଡଃ ପଣ୍ଡାଙ୍କ ନିଜ ଦାୟିତ୍ୱ କାଳରେ କଲେଜ ପାଇଁ ଉଲ୍ଲେଖନୀୟ ଅବଦାନ ରହିଅଛି ।

ଏକ ବାଇକ୍ ଚୋରୀ ର୍ୟାକେଟ୍ ଧରିବାରେ ପୋଲିସ୍‌ର ସଫଳତା

ପୁରୀ୦୩।୮ (ନି.ପ୍ର): ତାଳବଣିଆ ଥାନା ପୋଲିସ୍ ଏକ ଚୋରା ବାଇକ୍ ର୍ୟାକେଟ୍ ଧରିବାରେ ସଫଳ ହୋଇଛି ।ଏହି ଘଟଣାରେ ପୋଲିସ୍ ୪ ଜଣ ଙ୍କୁ ଗିରଫ କରିବା ସହ ୧୭ ଟି ଚୋରି ବାଇକ୍ ଜବତ କରିଛିରିରଫ ଙ୍କ ମଧ୍ୟରେ ଜଣ ଲୁଟେରାଙ୍କ ସହ ଚୋରି ଗାଡି କିଣିଥିବା ଅଭିଯୋଗରେ ୩ ଜଣ ରହିଛନ୍ତି । ଗତ ୨୧ ତାରିଖରେ ସଂମ୍ପୃକ୍ତ ଥାନା ଅଚଂଳରୁ ୧ ବାଇକ୍ ଚୋରୀ ଅଭିଯୋଗ କୁ ଭିତ୍ତି କରି ବ୍ରହ୍ମଗିରୀ ଥାନା ଅର୍ନ୍ତଗତ ପଲଙ୍କ ଗ୍ରାମର ଆଶିଷ୍ ଖାନ୍ ନାମକ ଜଣେ ବ୍ୟକ୍ତି ଙ୍କୁ ଧରି ପଚରା ଉଚରା କରିବା ପରେ ବାଇକ୍ ଚୋରି ର୍ୟାକେଟ୍ ର ପର୍ଦ୍ଦାଫାଶ୍ ହୋଇଥିଲା ।ଚୋରିଗାଡି କିଣିଥିବା ଅଭିଯୋଗରେ ଗିରଫ ହୋଇଥିବା ବ୍ୟକ୍ତି ଙ୍କ ଘର ବ୍ରହ୍ମଗିରୀ ଓ କୃଷ୍ଣ ପ୍ରସାଦ ଅଚଂଳ ର ।ତେବେ ଜବତ ହୋଇଥିବା ଗାଡି ଗୁଡିକ ଗୋଟିଏ କମ୍ପାନୀର ହୋଇଥିବା ଜଣା ଯାଇଛି ।

ଫୁଲବାଣୀରେ କଣ୍ଟୁନମେଣ୍ଟ ନିୟମ ଉଲଂଘନ ଅଭିଯୋଗରେ ୭ ଶ୍ରମିକ ଥାନାରେ ଅଟକ: ଜରିମାନା ଆଦାୟ କଲା ପ୍ରଶାସନ

କନ୍ଧମାଳ,୦୩।୮ (ନି.ପ୍ର): ଫୁଲବାଣୀ ସହରକୁ କଣ୍ଟୋନମେଣ୍ଟ ଜୋନ ଭାବରେ ଘୋଷଣା କରିଛନ୍ତି କେହି ଘରୁ ବାହାରକୁ ନବାହାରିବାକୁ ନିୟମ କରାଯାଇଥିବା ସତ୍ତ୍ୱେ ଆଜି କେନ୍ଦୁପଦର ଠାରେ ଜଣେ ଡାକ୍ତର ତାଙ୍କ ନିର୍ମାଣାଧିନ ଘର କାମ କରାଉଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇବା ପରେ ଉପଜିଲ୍ଲାପାଳ ଓ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଘଟଣାସ୍ଥଳରେ ପହଂଚି କାମ ବନ୍ଦ କରାଇଥିଲେ । ଏଥି ସହ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଟାଉନଥାନା ପୁଲିସ୍ ସେଠାରେ କାର୍ଯ୍ୟ କରୁଥିବା ୨ ଜଣ ମିସ୍ତ୍ରୀ ଓ ୫ ଜଣ ଶ୍ରମିକଙ୍କୁ ଥାନାରେ ଅଟକ ରଖିଥିଲେ । ଏହି ମିସ୍ତ୍ରୀ ଓ ଶ୍ରମିକମାନେ ନୟାଗଡ ଜିଲ୍ଲାରୁ ଆସିଥିବା ଜଣା ପଡିଛି । ଜିଲ୍ଲାକୁ ବାହାର ଜିଲ୍ଲାରୁ ବିନା ଅନୁମତିରେ କାହାକୁ ପ୍ରବେଶ କରାଇବାକୁ ଦିଆଯାଉନଥିବା ବେଳେ ଏମାନେ କେମିତି ଫୁଲବାଣୀ ଆସି କାମ କରୁଥିଲେ ତାହା ସନ୍ଦେହ ସୃଷ୍ଟି କରିଛି । ପରେ ପୌର କାର୍ଯ୍ୟ ନିର୍ବହୀ ଅଧିକାରୀ ସେମାନଙ୍କୁ ଜରିମାନା କରି ଛାଡିଥିବା ଜଣା ପଡିଛି ।

କର୍ମୀ ସନ୍ତୁଷ୍ଟି ପାଇଁ ଯୋଜନାରେ ରହୁନି ସ୍ୱଚ୍ଛତା

ଭଦ୍ରକ,୦୩।୮ (ନି.ପ୍ର): ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ବାଟବଣା ହୋଇଯାଉଛି । ଗାଁର କିଛି କୁଜିନେତା ଓ ପଂଚାୟତ ସ୍ତରୀୟ କର୍ମଚାରୀଙ୍କ ପାଇଁ ହେଉଛି ଏପରି ଅନିୟମିତତା । ସମସ୍ତ ସରକାରୀ ନୀତି ନିୟମକୁ ଗିଳି ପକାଉଛନ୍ତି ଗାଁ କୁଜିନେତା ଓ କେତେକ ଚଳିଆ କର୍ମଚାରୀ । ଦଳୀୟ କର୍ମୀଙ୍କ ସନ୍ତୁଷ୍ଟ କରିବା ପାଇଁ କୌଣସି ଯୋଜନାରେ ସ୍ୱଚ୍ଛତା ପରିଲକ୍ଷିତ ହେଉନାହିଁ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦିବ୍ୟାଙ୍ଗ, ବିଧବା ଓ ୬୦ ବର୍ଷରୁ ଅଧିକ ବୟସ୍କ ଲୋକମାନଙ୍କୁ ବାର୍ଦ୍ଧକ୍ୟ ଭତା ପ୍ରଦାନ କରୁଛନ୍ତି । ହେଲେ ଏହି ଭ । ବ ନରେ ବ୍ୟାପକ ଅନିୟମିତତା ହେଉଥିବା ଦେଖିବାକୁ ମିଳିଛି । ସରକାରୀ ନୀତି ନିୟମକୁ ପଛରେ ପକାଇ କେତେକ ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯାଇଥିବା ନଜରକୁ ଆସିଛି । କେତେକ ଦୀର୍ଘବର୍ଷ ଧରି ବେଆଇନ୍ ଭାବେ ଏହି ଭ । ନେଉଥିବା ବେଳେ ତେବେ ଆଉ କେତେକଙ୍କ ନୂଆ ଲିଷ୍ଟକୁ ନେଇ ବିବାଦ ଦେଖା ଦେଇଛି । ସରକାରଙ୍କ ନିୟମ ଅନୁସାରେ ଯେଉଁମାନେ ଅସହାୟ ବରିଷ୍ଠ ନାଗରିକ ଅର୍ଥାତ୍ ୬୦ ବର୍ଷରୁ ଅଧିକ ହୋଇଥିଲେ, ସେମାନଙ୍କୁ ମାସିକ ୫୦୦ ଟଙ୍କାର ଭତା ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି । ହେଲେ ତିହିଡି ବ୍ଲକ୍‌ର ବିଭିନ୍ନ ପଂଚାୟତରେ ବହୁ ଅଯୋଗ୍ୟ ହିତାଧିକାରୀ ଭତା ହାତେଇ ଥିବା ଜଣାଯାଇଛି । ଯେଉଁମାନେ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ଘରର ସଦସ୍ୟ। ସରକାରୀ ଚାକିରିଆ ଅଥବା ପେନସନ ଭୋଗୀ କର୍ମଚାରୀ ସେମାନେ ଭତା ପାଇପାରିବେ ନାହିଁ । ହେଲେ ମହରମପୁର ପଂଚାୟତରେ ଏହି ଭତା ଲିଷ୍ଟକୁ ନେଇ ଏବେ ବିବାଦ ଦେଖା ଦେଇଛି । ନୂଆ ଲିଷ୍ଟରେ ଯେଉଁ ଦୁଇଜଣ ଦମ୍ପତିଙ୍କ ନାଁ ରହିଛି, ତାଙ୍କର ଦୁଇପୁଅ ଚାକିରୀ କରିଥିବା ବେଳେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିଛି । ଏଣୁ ତାଙ୍କୁ କେଉଁ ଆଧାରରେ ଏଥିରେ ଅନ୍ତର୍ଭୁକ୍ତ କରାଗଲା ବୋଲି ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କେତେକ ବ୍ୟକ୍ତି ତାଗିଦ୍ କରିବା ସହ ତୁରନ୍ତ ତାଙ୍କ ନାଁ କାଟିବାରୁ ଦାବି କରିଛନ୍ତି । ଅନ୍ୟପଟରେ ସେହି ପଂଚାୟତ ପୂର୍ବରୁ ବହୁ ଆର୍ଥିକ ସ୍ୱଚ୍ଛଳ ବର୍ଗର ବ୍ୟକ୍ତି ଯେଉଁମାନଙ୍କର ପୁଅ ସରକାରୀ ଚାକିରିଆ ପରିବାର ସଦସ୍ୟ ପେନସନ ଭୋଗୀ ସେମାନଙ୍କୁ କେଉଁ ଆଧାରରେ ଭତା ଦିଆଯାଉଛି ବୋଲି ଅନ୍ୟ କେତେକ ଓଲଟି ପ୍ରଶ୍ନ କରିଛନ୍ତି । ଯାହାକୁ ନେଇ ମହରମପୁର ପଂଚାୟତ ଏହି ଭତା ବିବାଦ ଏକ ରାଜନୈତିକ ରୂପ ନେବାକୁ ବସିଛି ।

ଗ୍ରୁପ୍ ରଣ ସୁଝିନପାରି ଚାଷୀଙ୍କ ଆତ୍ମହତ୍ୟା

ଭଦ୍ରକ,୦୩।୮ (ନି.ପ୍ର): ସାରା ବିଶ୍ୱରେ କାୟା ମେଲାଇଥିବା ମହାମାରୀ କରୋନା ଭାଇରସ୍ ସମସ୍ତଙ୍କ ଜୀବନ-ଜୀବିକାକୁ ପୁରାପୁରି ଠପ୍ କରିଦେଇଥିବାବେଳେ ଏଥିରେ ବହୁ ଗରିବ ଓ ଅସହାୟ ଲୋକ ହଇରାଣ ହେଉଥିବାର ଦୃଶ୍ୟ ପରିଲକ୍ଷିତ ହୋଇଛି । ସେହିଭଳି ଫାଇନାନ୍ସ କଂପାନୀରୁ ରଣ ଆଣିଥିବା ବହୁ ଗରିବ ଚାଷୀ ମଧ୍ୟ ଏଥିରୁ ବାଦ ପଡିନାହାଁନ୍ତି । ନିଜର ଜୀବିକା ହରାଇ ବସି ଗଣ୍ଡେ ଖାଇ ବଂଚିବା ତାଙ୍କ ପକ୍ଷେ କଷ୍ଟକର ହୋଇପଡୁଥିବାବେଳେ ସେଥିରୁ କିପରି କିସ୍ତି ରଣ ଦେବେ, ତାହା ତାଙ୍କ ପକ୍ଷେ ଅସମ୍ଭବ ମନେହୁଏ । ଏହିଭଳି ପରିସ୍ଥିତିରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ବ୍ଲକ୍ ରାଙ୍କୁଆଳିବିନ୍ଧା ଗ୍ରାମରେ । ଉକ୍ତ ଗ୍ରାମର ମହେନ୍ଦ୍ର ଦାସ ଫାଇନାନ୍ସ କଂପାନୀରୁ ଚାଷ କରିବା ପାଇଁ ଗ୍ରୁପ୍ ରଣ କରିଥିଲେ । ହେଲେ ଏହିଭଳି ଜଟିଳ ପରିସ୍ଥିତିରେ ଫାଇନାନ୍ସ କଂପାନୀ ରଣ କିସ୍ତି ଦେବାକୁ ବାଧ କରିବାରୁ ଚାଷୀ ମହେନ୍ଦ୍ର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ବିଷୟ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ।

ମହିଳାକୁ ଦୁଷ୍କର୍ମ କରି ଜଣେ ଗିରଫ

ଭଦ୍ରକ,୦୩।୮ (ନି.ପ୍ର): ଧାମରା ନିକଟସ୍ଥ ଦୋସିଙ୍ଗା ପଂଚାୟତ ଅଧିନସ୍ଥ ଅମରନଗର ଠାରେ ଏକ ମହିଳାଙ୍କୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଅମର ନଗର ଗ୍ରାମର ଶଙ୍କର (୩୦) ସେହି ଗ୍ରାମର ଏକ ମହିଳାଙ୍କୁ ଦୁଷ୍କର୍ମ କରୁଥିବା ବେଳେ ମହିଳା ପାଟି କରିବାରୁ ମହିଳାଙ୍କ ପରିବାର ସଂପୃକ୍ତ ଶଙ୍କର କୁ ଧରି ଧାମରା ଥାନାରେ ଜିମାଦେଇଥିଲେ । ଧାମରା ଥାନାଧିକାରୀ ମହିଳାଙ୍କ ଅଭିଯୋଗ ମୂଳେ ଧାମରା ଥାନାରେ ୩୭/୨୦ରେ ଏକ କେଶ ରୁଜୁକରିବା ସହ ସଂପୃକ୍ତ ଶଙ୍କରକୁ କୋର୍ଟ ଚାଲାଣ କରିଛନ୍ତି । ଦିନକୁ ଦିନ ଧାମରା ଥାନା ଅଧିନସ୍ଥ ଦୋସିଙ୍ଗା ପଂଚାୟତରେ ଦୁଷ୍କର୍ମ ବଢି ବଢି ଚାଲିଥିବା ବେଳେ ପୁଲିସ ପ୍ରଶାସନ ସଂପୃକ୍ତ ଆସାମୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ ହୋଇଛି ।

ଡ୍ୟୁଟିରେ ଆସିଥିବା ପୁଲିସ୍ କର୍ମଚାରୀଙ୍କ ମୃତ୍ୟୁ

ଭଦ୍ରକ,୦୩।୮ (ନି.ପ୍ର): ଗତକାଲି ପାଳିତ ହୋଇଯାଇଛି ଉଦ୍-ଉଲ୍ ଜୁହା ପର୍ବ । ଏହି ଇଦ୍-ଉଲ-ଜୁହା ପର୍ବରେ ଭଦ୍ରକ ଜିଲାକୁ ଡ୍ୟୁଟିରେ ଆସିଥିବା ପୁଲିସ୍ କର୍ମଚାରୀ ପ୍ରଭାକର ପରିଡାଙ୍କ ମୃତ୍ୟୁ ହୋଇଛି । ମୃତକ ଥାର୍ଡ ଆଇଆରବି ବାଟାଲିୟନର ଡେପୁଟି ସୁବେଦାର ଭାବେ କାର୍ଯ୍ୟ କରୁଥିଲେ । ଆଜି ସକାଳୁ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁବରଣ ହୋଇଛି । ଏହି ମାମଲାରେ ସ୍ଥାନୀୟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ନାହିଁନାହିଁରେ ଜାରାପଙ୍ଗା ଗ୍ରାମବାସୀଙ୍କୁ କାଠ ପୋଲ ଭରସା : ଅନ୍ୟାନ୍ୟ ଅସୁବିଧାରେ ଜର୍ଜରିତ ଗ୍ରାମବାସୀ

କନ୍ଧମାଳ ,୦୩।୮ (ନି.ପ୍ର): କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ନୂଆପଦର ପଂଚାୟତର ଜାରାପଙ୍ଗା ଗାଁ ସ୍ୱାଧୀନତାର ଦୀର୍ଘ ବର୍ଷ ପରେବି ଏହି ଅଂଚଳର ଜନସାଧାରଣ ବିଭିନ୍ନ ସମସ୍ୟା ନେଇ ଗତି କରୁଛନ୍ତି । ଏଠାରେ ଭଲ ଶିକ୍ଷା, ପାନୀୟ ଜଳର କୌଣସି ସାଧନ କିମ୍ବା ଶିକ୍ଷା ପାଇଁ ବିଦ୍ୟାଳୟଟିଏ ମଧ୍ୟ ନାହିଁ । ସେହି ଅଂଚଳରେ କୌଣସି ରାସ୍ତା ଘାଟ ନଥିବାରୁ ଲୋକଙ୍କର ଯାତାୟାତ ପାଇଁ ସେଠାରେ ଥିବା ନ

ସମୟ ପାଇଲେ ନିଜର ଯତ୍ନ ନିଅନ୍ତୁ

କରୋନା ଭାଇରସ୍ କାରଣରୁ ଲୋକମାନଙ୍କୁ ଘରେ ରହିବା ପାଇଁ ପରାମର୍ଶ ଦିଆଯାଉଛି । ଏପରିସ୍ଥଳେ ଘରେ ବସି ଅଫିସ୍ କାମ କରୁବାକୁ ମଧ୍ୟ କୁହାଯାଉଛି । ଲୋକମାନଙ୍କୁ ୱାର୍କଫ୍ରମ ହୋମ ମିଳିଥିବା ଯୋଗୁ ସେମାନଙ୍କ ପାଖରେ ସମୟ ମଧ୍ୟ ବଳୁଥିବ । ତେଣୁ ନିଜର ଚେହେରା ଓ ଶରୀର ଯତ୍ନ ନେବାକୁ ଚେଷ୍ଟା କରିବା ଉଚିତ । ଏହି ସମୟରେ କିଛି ବିୟୁଟି ରୁଟିନକୁ ଫଲୋ କରନ୍ତୁ ।

✸ ଏଲୋଭେରା ଜେଲ ଦ୍ୱାରା ଦାଗ ଦୂର କରିହେବ । ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ତତ୍ତ୍ୱ ସ୍କିନର ଫାଇଦା କରିଥାଏ । ଏହି ଜେଲରେ ଲେମ୍ବୁ ମିଶାଇ ଲଗାନ୍ତୁ । ଲେମ୍ବରେ ଥିବା ଭିଟାମିନ-ସି ବ୍ରଣକୁ ଠିକ କରିଥାଏ । ୧୦ ମିନିଟ୍ ପର୍ଯ୍ୟନ୍ତ ଏହି ମିଶ୍ରଣକୁ ମୁହଁରେ ଲଗାଇ ରଖିବା ପରେ ପାଣିରେ ଧୋଇଦିଅନ୍ତୁ ।

✸ ଦହି ଦ୍ୱାରା ମଧ୍ୟ ଚେହେରାରେ ଚମକ ଆସିବ । ମୁଲତାନୀ ମାଟି ସହିତ ଦୁଇ ଚାମଚ ଦହି ମିଶାଇ ଲଗାଇଲେ ଚେହେରାରେ ଥିବା ମଇଦା ଅଂଶ ସଫା ହୋଇଥାଏ ।

✸ ଆଖି ତଳେ ହେଉଥିବା କଳାଦାଗ ପାଇଁ କଫିର ବ୍ୟବହାର କରନ୍ତୁ । କଫିଦ୍ୱାରା ଫେସମାସ୍କ ତିଆରି କରିବା ପାଇଁ କଫି, ଆଳୁର ରସ ଓ ମେକଅପ୍ ୱାଇପ୍ସ ନିଅନ୍ତୁ । ୱାଇପସ୍ ଉପରେ ଏକ ଚାମଚ କଫି ପାଉଡର ଛିଞ୍ଚନ୍ତୁ । ଆଳୁ ରସକୁ ଏହା ଉପରେ ଢାଳି ରାତିରେ ରଖିଦିଅନ୍ତୁ କିମ୍ବା ସକାଳେ ତିଆରି କରି ଫ୍ରିଜରେ ୧ ଘଣ୍ଟା ରଖିଦିଅନ୍ତୁ । ଏହାକୁ ଆଖି ଉପରେ ୧୫ ମିନିଟ୍ ରଖି ଆଖିକୁ ଧୋଇଦିଅନ୍ତୁ ।

ଅଜବ କାରଣ ପାଇଁ ଯୁଦ୍ଧ



କୌଣସି ଯୁଦ୍ଧ ପଛରେ କିଛି ନା କିଛି କାରଣ ଥାଏ । କିନ୍ତୁ ଏକ ବାଲ୍‌ଟି ପାଇଁ ଯୁଦ୍ଧ ହେବା ଘଟଣା ଅତୀତରେ ଘଟିଥିଲା । ଏହି ଯୁଦ୍ଧରେ ଦୁଇ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା । ଏକାଦଶ ଶତାବ୍ଦୀ ସମୟରେ ରୋମାନ ସମ୍ରାଟ ଫ୍ରେଡରିକ ବାରବୋରସା ଇଟାଲୀ ଉପରେ ଆକ୍ରମଣ କରିଥିଲେ । ଫ୍ରେଡରିକ କହୁଥିଲେ ଭଗବାନ ତାଙ୍କୁ ପ୍ରତିନିଧି ଭାବରେ ପୃଥିବୀକୁ ଲୋକମାନେ ଏହି କଥାକୁ ମାନୁ ନଥିଲେ । ପୋପ୍‌ଙ୍କୁ ସମର୍ଥକମାନଙ୍କୁ ଗ୍ୱେଲ୍‌ଫ କୁହାଯାଉଥିଲା ଓ ଫ୍ରେଡରିକଙ୍କ ସମର୍ଥକମାନଙ୍କୁ ଗିବିଲାଇଂଜ କୁହାଯାଉଥିଲା । ସେ ସମୟରେ ୟୁରୋପକୁ ନେଇ ସଂଘର୍ଷ ଚାଲୁଥିଲା । ସେତେବେଳେ ବୋଲୋଗ୍ନା ଓ ମୋଡେନା ମଧ୍ୟରେ ଏହି କାରଣରୁ ଯୁଦ୍ଧ ହେଉଥିଲା । ବୋଲୋଗ୍ନାର ଲୋକମାନେ ପୋପ୍‌ଙ୍କୁ ମାନୁଥିଲେ । ଫ୍ରେଡରିକଙ୍କୁ ମାନୁଥିବା ବାରବରୋସା ଦଳରେ ମୋଡେନାର ଲୋକ ଥିଲେ । ଏହି ଦୁଇ ଦଳର ଲୋକମାନଙ୍କ ମଧ୍ୟରେ ୧୨୯ ରେ ଏକ ଯୁଦ୍ଧ ହୋଇଥିଲା । କିନ୍ତୁ ତା ପୂର୍ବରୁ ସେ ଦୁଇ ରାଜ୍ୟ ମଧ୍ୟରେ ସବୁବେଳେ ଉତ୍ତେଜନା ଲାଗି ରହୁଥିଲା । ତ୍ରୟୋଦଶ ଶତାବ୍ଦୀରେ ମୋଡେନାର ସୈନିକମାନେ ବୋଲୋଗନାରେ ଜବରଦସ୍ତ ପ୍ରବେଶ କରି ସହର ମଧ୍ୟରେ ଥିବା ଏକ ସ୍ଥାନରେ ଗୋଟେ ବାଲ୍‌ଟିକୁ ଉଠାଇ ନେଇଆସିଥିଲେ । ବୋଲୋଗନାର ସୈନିକମାନେ ମୋଡେନାରୁ ଯେଉଁ ସାମଗ୍ରୀସବୁ ଲୁଟି ଆଣୁଥିଲେ ତନ୍ମଧ୍ୟରୁ ଦାମୀ ସାମଗ୍ରୀକୁ ସେହି ବାଲ୍‌ଟି ମଧ୍ୟରେ ରଖୁଥିଲେ । ଏହି ବାଲ୍‌ଟି ନେବା ଦ୍ୱାରା ବୋଲେଗନାର ସମ୍ମାନ ହାନି ହୋଇଥିଲା । ଏହି କାରଣରୁ ଦୁଇ ରାଜ୍ୟ ମଧ୍ୟରେ ଯୁଦ୍ଧ ହୋଇଥିଲା । ବୋଲେଗନାର ୩୨୦୦୦ ସୈନିକ ଥିଲେ ଓ ତନ୍ମଧ୍ୟରୁ ୨୦୦୦ ଘୋଡାସବାର ସୈନିକ ଥିଲେ । କିନ୍ତୁ ମୋଡେନାର ୭୦୦୦ ସୈନିକ ଥିଲେ । କିନ୍ତୁ ଏହା ସତ୍ତ୍ୱେ ମୋଡେନା ବୋଲେଗନାକୁ ପରାସ୍ତ କରିଥିଲା । ସେ ଯୁଦ୍ଧରେ ଦୁଇ ହଜାର ସୈନିକଙ୍କର ମୃତ୍ୟୁ ହୋଇଥିଲା ।

ହିତକାରୀ ସୂର୍ଯ୍ୟକିରଣ

ବିଶେଷଜ୍ଞଙ୍କ ମତରେ ବିଭିନ୍ନ ପ୍ରକାର ସଂକ୍ରମଣରୁ ବର୍ତ୍ତିବା ନିମନ୍ତେ ସୂର୍ଯ୍ୟକିରଣ ଶରୀର ପାଇଁ ମହୌଷଧି ସଦୃଶ କାମ କରିଥାଏ । ସକାଳର ସୂର୍ଯ୍ୟକିରଣ ସମସ୍ତଙ୍କ ନିମନ୍ତେ ଖୁବ୍ ଉପଯୋଗୀ । ଆମେରିକାର ଜନୈକ ନାମୀ ବିଶେଷଜ୍ଞ ଆର୍ଥର ସିଓନ୍‌ଙ୍କ ମତରେ କରୋନା ପରି ଭାଇରସ୍‌ର ପ୍ରଭାବରୁ ବର୍ତ୍ତିବାକୁ ଚାହୁଁଥିଲେ, ପ୍ରାତଃଭ୍ରମଣ କରନ୍ତୁ । ଦିନ ୧୧ ଟାରୁ ୧୨ ଟା ମଧ୍ୟରେ ଖରା ପଡୁଥିବା ସ୍ଥାନରେ ଯେ କୌଣସି କାମ କରନ୍ତୁ । ସୂର୍ଯ୍ୟକିରଣ ଶରୀରକୁ ଭିଟାମିନ୍ ଡି ଯୋଗାଉଥିବାବେଳେ କରୋନା ଭାଇରସ୍‌କୁ ନିପାତ କରିବାରେ ସହାୟକ ହୋଇଥାଏ ।

- ଭାରତ ପରି ଗ୍ରୀଷ୍ମପ୍ରଧାନ ଦେଶର ଏଇ ଭାଇରସ୍‌ରେ ଲୋକ ଯଦିଓ ଆକ୍ରାନ୍ତ ହେଉଛନ୍ତି, ତେବେ ମୃତ୍ୟୁ ସଂଖ୍ୟା ଅପେକ୍ଷାକୃତ କମ୍ । ଦେଶର ବର୍ଦ୍ଧିତ ତାପମାତ୍ରା ହିଁ ଏ ଦିଗରେ ସହାୟକ ହେଉଛି ବୋଲି ବିଶେଷଜ୍ଞଙ୍କ ମତ । ବିଦେଶୀ ରାଇଜ ଯେଉଁଠାରେ କରୋନାର ପ୍ରଭାବ ସର୍ବାଧିକ, ସେଠାରେ ବର୍ତ୍ତମାନ ସୁଦ୍ଧା ଶୀତ ଲହରୀ ରହିଛି । ବର୍ତ୍ତମାନ ସମୟରେ ଚୀନ୍‌ରେ ତାପମାତ୍ରା ୨୨-୨୪ ଡିଗ୍ରୀ ରୁହଥିବାବେଳେ ଇଟାଲୀରେ ୧୮ ଡିଗ୍ରୀରୁ କମ୍ ତାପମାତ୍ରା ରହୁଛି, ଯେଉଁ କାରଣରୁ ସଂକ୍ରମିତ ରୋଗୀଙ୍କ ସଂଖ୍ୟା ଇଟାଲୀରେ ବଢୁଛି ବୋଲି ଅନୁମାନ କରାଯାଉଛି ।
- ମିଳିଥିବା ଏକ ତଥ୍ୟ ଅନୁସାରେ, ସଂଖ୍ୟାଧିକ ବିଦେଶୀ ପର୍ଯ୍ୟଟକ ବର୍ତ୍ତମାନ ଭାରତ ଆସିବାକୁ ଚାହୁଁଛନ୍ତି । ହେଲେ ବିଦେଶ ଗସ୍ତ କଟକଣା ଆରମ୍ଭ ହୋଇଯାଇଥିବାରୁ ସେମାନେ ଆସିପାରୁ ନାହାନ୍ତି ।
- କକ୍ଷର ଝରକା ପୂରା ଦିନ ଖୋଲା ରଖନ୍ତୁ, ଯେପରି ସୂର୍ଯ୍ୟକିରଣ ଭଲଭାବେ ବିଚ୍ଛୁରିତ ହୋଇପଡିବ । ଛୋଟ ପିଲାଙ୍କ ଠାରୁ ବୟସ୍କ ଲୋକ ସମସ୍ତେ ୩୦-୪୦ ମିନିଟ୍ ଖରାରେ ବୁଲାବୁଲି କରିବା ଏଇ ରୋଗ ନିମନ୍ତେ ମୁଖ୍ୟ ଅସ୍ତ୍ର ଭାବେ କାମ କରୁଥିବାର ଜଣାପଡିଛି ।

ଗୋମୂତ୍ରରେ ତିଆରି ସାନିଟାଇଜର

କରୋନା ଭାଇରସ୍ ଅଧିକାଂଶ ଦେଶର ବ୍ୟାପୀ ସାରିଲାଣି । ପୂରା ବିଶ୍ୱରେ ଲକ୍ଷାଧିକ ଲୋକ ଏହି ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇ ସାରିଲେଣି । ୪ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇ ସାରିଲାଣି । ବିଗତ ଦିନରେ ହ୍ୟାଣ୍ଡ ସାନିଟାଇଜରର ଚାହିଦା ବୃଦ୍ଧି ପାଇଥିବାର ଦେଖାଯାଇଛି । ଦୋକାନରେ ମନଇଚ୍ଛା ଦାମ୍‌ରେ ଏହାକୁ ବିକ୍ରି କରାଯାଉଛି । ବର୍ତ୍ତମାନ ବଜାରରେ କାଓପାଥି ନାମକ ଏକ ବ୍ରାଣ୍ଡର ସାନିଟାଇଜର ଦେଖିବାକୁ ମିଳୁଛି ଓ ଏହା ଗୋମୂତ୍ର ଦ୍ୱାରା ତିଆରି କରାଯାଇଛି । ଏହାକୁ ଆମାଜନ ଜରିଆରେ ଅନଲାଇନରେ କିଣାଯାଇପାରିବ । କାଓ ପାଥି କମ୍ପାନୀ ଏହାକୁ ଭେଗନ ପ୍ରଡକ୍ଟ ଭାବରେ ମାର୍କେଟରେ ଲଂଚ କରିଛି । ଏହି ସାନିଟାଇଜରକୁ ଗାଈର ଡିଟେଲ୍‌ଡ ଗୋମୂତ୍ର, ବାସ୍ନା ତେଲ ଓ ଗଙ୍ଗା ଜଳ ମିଶାଇ ପ୍ରସ୍ତୁତ କରାଯାଇଛି । କମ୍ପାନୀ ଅନୁସାରେ ଗୋମୂତ୍ର ପରି ଏହା ବାସିବ ନାହିଁ । ଏହା ବ୍ୟତୀତ ଗରାଖମାନେ ଏହାକୁ ଦୁଇଟି ଫ୍ଲେଭରରେ କିଣି ପାରିବେ । ତେବେ ଭାଇରସ ପରେ ଏହାର ଚାହିଦା ବୃଦ୍ଧି ପାଇଛି । ତେବେ କେହି ଜଣେ ଏହାର ସ୍କ୍ରିନ ସର୍ଟ ସୋସିଆଲ ମିଡିଆରେ ସେୟାର କରିବା ପରେ ଏହା ଚର୍ଚ୍ଚାରେ ବିଷୟ ହୋଇଛି ।

ଶ୍ୱାନ-ମାନବ ଉପାଖ୍ୟାନ

ବିଭିନ୍ନ ଲୋକଙ୍କ ଜୀବନଶୈଳୀ ଭିନ୍ନ ଭିନ୍ନ । ଇଂଲଣ୍ଡରେ ରହୁଥିବା ୩୭ ବର୍ଷୀୟ କେଜ୍ ଜେମ୍ସ କୁକୁର ଭଳି ଜୀବନ ଅତିବାହିତ କରୁଛନ୍ତି । ସେ ନିଜ ମଣିଷ ପପି ଭାବୁଛନ୍ତି । ସେ ଏକ ଷ୍ଟୋରରେ ମ୍ୟାନେଜର୍ ଅଛନ୍ତି । ଜେମ୍ସ ଚେନ୍‌ରେ ବନ୍ଧା ହେବା ସହ ଡଗ୍ ବିସ୍କିଟ୍ ମଧ୍ୟ ଖାଉଛନ୍ତି । କେବଳ ଏତିକି ନୁହେଁ ସେ ବାଉଲ୍‌ରେ ଚାଟିଚାଟି ଖାଦ୍ୟ ଖାନ୍ତି । ବାହାରକୁ ଗଲେ କୁକୁର ପୋଷାକ ପିନ୍ଧନ୍ତି । ରାସ୍ତାରେ ଲୋକଙ୍କୁ ଦେଖିବା, ଜିନିଷ ନେଇ ଦୌଡିବା, ଲୋକଙ୍କୁ ଶୁଙ୍ଘିବା ଓ ଚାଟିବା ଆଦି କାମ କରିବାକୁ ପସନ୍ଦ କରନ୍ତି । କୁକୁର ଭଳି ଶବ୍ଦ ମଧ୍ୟ କରନ୍ତି ଜେମ୍ସ । ରେସ୍ତୋରାଁରେ ମଣିଷ ଭଳି ଖାଦ୍ୟ ଖାଇବା ତାଙ୍କୁ ଆଦୌ ପସନ୍ଦ ନୁହେଁ । ସେ କୁକୁର ଭଳି ଜୀବନଶୈଳୀ ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରନ୍ତି । ବର୍ତ୍ତମାନ ସୁଦ୍ଧା କୁକୁର କଷ୍ଟ୍ୟୁମ୍‌ରେ ପ୍ରାୟ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି । ଜେମ୍ସ 'ହାଓ ଟୁ ଟ୍ରେନ୍ ଏ ହ୍ୟୁମାନ ପପ୍' ନାମରେ ଏକ ବହି ଲେଖିଛନ୍ତି ।

ଗିଲୋୟ ଓ ଅଶ୍ୱଗନ୍ଧା

ଯେଉଁମାନଙ୍କର ଇମ୍ୟୁନିଟି କମଥାଏ, ଶ୍ୱାସ ରୋଗୀ, ପାନକ୍ରିୟାଜ ଦୁର୍ବଳ ବ୍ୟକ୍ତି, ଡାଇବେଟିସ ପରି ସମସ୍ୟା ଥିବା ଲୋକମାନଙ୍କ ପାଇଁ କରୋନା ଭାଇରସ୍‌ର ବିପଦ ଅଧିକ । ଏପରିସ୍ଥଳେ ଗିଲୋୟ ଓ ଅଶ୍ୱଗନ୍ଧା ଅଧିକ ଉପକାରୀ ହୋଇପାରିବ । ଭାରତରେ କରୋନା ଭାଇରସ୍‌ର ପ୍ରକାର ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଲୋକମାନେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶ ପାଳନ କରୁଛନ୍ତି । ଆୟୁର୍ବେଦରେ କରୋନା ଭାଇରସ୍‌ର ଉପଚାର କରି ହେବ । ଇମ୍ୟୁନିଟିକୁ ବଢେଇବା ପାଇଁ ପ୍ରାଣାୟାମ ଯେପରି କପାଳଭାତୀ, ଆନୁଲୋମ ଓ ଭ୍ରାମରୀ କରିବା ଉଚିତ । ଏହା ବ୍ୟତୀତ ଆୟୁର୍ବେଦ ଅନୁସାରେ ଅଶ୍ୱଗନ୍ଧା, ଗିଲୋୟ, ଶତାୱର, ଅଁଳା, ଏଲୋଭେରା ଓ ତୁଳସୀ ଏହି ଭାଇରସ୍ ପାଇଁ ଉପଯୋଗୀ । ଆୟୁର୍ବେଦିକ ଜଡିବୁଟି ଗିଲୋୟକୁ ପାଣିରେ ଫୁଟାଇ ସେଥିରେ ହଳଦୀ, ଗୋଲମରିଚ ଗୁଣ୍ଡ ଓ ତୁଳସୀ ପତ୍ର ମିଶାନ୍ତୁ । କିଛି ସମୟ ଫୁଟିଗଲା ପରେ ସେହି କାଢାକୁ ପିଇଲେ ଲାଭ ମିଳିବ । ଯଦି ଗିଲୋୟ, ଅଶ୍ୱଗନ୍ଧା, ତୁଳସୀ ନାହିଁ ତେବେ ଗିଲୋୟର ଟାବଲେଟ୍ ବା ଜୁସ୍ ପିଇପାରିବେ । ଅଶ୍ୱଗନ୍ଧାର ପାଉଡର ଖାଇପାରିବେ । ଏହି ସବୁ ଜିନିଷ ଇମ୍ୟୁନିଟି ବୃଦ୍ଧି କରିବାରେ ସହାୟକ ହେବ ।

ସ୍ପେସ ଏକ୍ସ

ପ୍ରଥମ କମ୍ପାନୀ ସ୍ପେସଏକ୍ସ ତା'ର କ୍ରୁ ଡ୍ରାଗନ ଯାନ ଜରିଆରେ ଅନ୍ତରୀକ୍ଷ ଯାତ୍ରୀଙ୍କୁ ଅନ୍ତରାଷ୍ଟ୍ରୀୟ ଅନ୍ତରୀକ୍ଷ ଷ୍ଟେସନକୁ ନେଇକି ଯିବା । ନାସା ଏ ବିଷୟରେ ଟ୍ୱିଟ୍ କରି ଜଣାଇଛି । ସ୍ପେସ ଏକ୍ସ ଇଲେକ୍ଟ୍ରିକ ଯାନ ତିଆରି କରୁଥିବା ସବୁଠାରୁ ବଡ କମ୍ପାନୀ ଷ୍ଟେଲାର ସିଇଓ ଏଲନ ମସ୍କଙ୍କର କମ୍ପାନୀ । ପ୍ରଥମ ଅନ୍ତରୀକ୍ଷ ଯାତ୍ରୀବାଲା କ୍ରୁ ଡ୍ରାଗନ କ୍ୟାପସୁଲ ପରୀକ୍ଷଣ ପୁରା କରି ନାସା ସ୍ପେସଏକ୍ସ ଯାନକୁ ପଠାଇବା ପାଇଁ ସ୍ଥିର କରୁଛି । ଫ୍ଲୋରିଡା ସ୍ଥିତ ଜନ ଏଫ କେନେଡି ସ୍ପେସ ସେଣ୍ଟରରେ କରାଯାଇଥିବା ପରୀକ୍ଷଣ ସଫଳ ହୋଇଛି । ଏହ ମିଶନରେ ଜାଣିଶୁଣି ଖରାପ ରକେଟରୁ କ୍ରୁ ଡ୍ରାଗନକୁ ଫାଇକନ-୯ ରକେଟରୁ ଲଂଚ କରାଯାଇଥିଲା । ପାଖାପାଖି ୧୬ କି.ମି ଉଚ୍ଚରୁ ତଳକୁ ପଡିବା ପାଇଁ ତାକୁ ମାତ୍ର ନଅ ମିନିଟ୍ ଲାଗିଲା । କ୍ରୁ ଡ୍ରାଗନ ଚାରିଟି ପାରାସୁଟ୍ ସାହାଯ୍ୟରେ ଆଟଲାଣ୍ଟିକ ମହାସାଗରରେ ଓହ୍ଲେଇଲା । ନିକଟରେ ସ୍ପେସଏକ୍ସର ହୋଇଥିବା ପରୀକ୍ଷଣ ପୁରା ହୋଇଛି । ଏଥିରେ ସ୍ପେସଏକ୍ସର ଡେମୋ-୨ ଅନ୍ତରୀକ୍ଷ ଯାତ୍ରୀମାନଙ୍କ ପାଇଁ ଫାଇନାଲ-୯ ବୁଷ୍ଟର ବି ୧୦୫୮, ଏକ ଫାଇକନର ଉପର ପାର୍ଶ୍ୱ, କ୍ରୁ ଡ୍ରାଗନ ନେବାକୁ କ୍ୟାପସୁଲ ସି ୨୦୬ ଓ ଏକ କ୍ରୁ ଡ୍ରାଗନକୁ ନେବାକୁ ଥିବା ଟ୍ରଙ୍କର ପରୀକ୍ଷଣ ପୂରା ହୋଇଛି । ଏବେ ଏହା କେପ କେନଭରଲକୁ ଆକାଶମାର୍ଗକୁ ଯିବା ପାଇଁ ପ୍ରସ୍ତୁତ ହେଉଛି ।

ସନ୍ ମିରର୍

ଦୁନିଆରେ ଏପରି ସ୍ଥାନ ରହିଛି ଯେଉଁଠାରେ ବର୍ଷର ମାତ୍ର କେତୋଟି ମାସରେ ସୂର୍ଯ୍ୟଙ୍କ କିରଣ ଦେଖିବାକୁ ମିଳେ । ଆର୍କଟିକ ସର୍କଲର ଉତ୍ତରରେ ସ୍ଥିତ ନାର୍ଭେର ଟମ୍ସୋ ସହରରେ ନଭେମ୍ବରରୁ ଜାନୁଆରୀ ପର୍ଯ୍ୟନ୍ତ ତିନି ମାସ ସୂର୍ଯ୍ୟ ଦେଖା ଯାଆନ୍ତି ନାହିଁ । ଉତ୍ତର ଗୋଲାର୍ଦ୍ଧରେ ହେବା ଯୋଗୁ ଏହାକୁ ଭୌଗଳିକ କ୍ଷତିର ସାମ୍ନା କରିବାକୁ ପଡିଥାଏ । ଏହାର ଦକ୍ଷିଣକୁ ଗଲେ ନାର୍ଭେର ରଜୁକାନ ଗ୍ରାମ ୬ ମାସ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ କିରଣରୁ ବଂଚିତ ହୋଇଥାଏ । ଏହି ଦୁଇଟି ସ୍ଥାନ ଉଚ୍ଚ ପାହାଡ ମଧ୍ୟରେ ଅବସ୍ଥିତ । ଅନେକ ଶତାବ୍ଦୀ ହେଲାଣି ସେଠାରେ ଏହିପରି ପିରସ୍ଥିତି ରହିଛି । କିନ୍ତୁ ଟେକ୍ନୋଲୋଜୀ ବିଶେଷଜ୍ଞମାନେ ସନ ମିରର ଲଗାଇ ଏହି ସମସ୍ୟାର ସମାଧାନ କରିଛନ୍ତି । ସୂର୍ଯ୍ୟଙ୍କ କିରଣ ପଡୁଥିବା ଦିଗରେ ପାହାଡ ଉପରେ ସନ ମିରର ଲଗାଯାଇଛି । ଏହାଦ୍ୱାରା ସୂର୍ଯ୍ୟଙ୍କ କିରଣ ପରିବର୍ତ୍ତିତ ହୋଇ ପାହାଡ ତଳେ ଥିବା ଗ୍ରାମକୁ ଆଲୋକ ଦେଉଛି । ଏହି ସନ ମିରରକୁ ମାର୍ଟିନ ଆଣ୍ଡରସନ ସ୍ଥାନୀୟ ଅଧିକାରୀଙ୍କ ସାହାଯ୍ୟରେ ୮ ଲକ୍ଷ ଡଲାର ଖର୍ଚ୍ଚ କରି ଲଗାଇଛନ୍ତି । ଏହି ଦର୍ପଣ ୫୩୮ ବର୍ଗ ଫୁଟ୍ କ୍ଷେତ୍ରରେ ଲଗାଯାଇଛି ଓ ଏହା ସହରର ୨୧୫୦୦ ବର୍ଗ ଫୁଟ କ୍ଷେତ୍ରକୁ ଆଲୋକିତ କରୁଛି ।

ରୋଗପ୍ରତିରୋଧକ ଶକ୍ତି ବଢାଇବ ଏସବୁ ଖାଦ୍ୟ

ଯେ କୌଣସି ପ୍ରକାର ସଂକ୍ରମିତ ରୋଗରୁ ବର୍ତ୍ତିବାକୁ ହେଲେ, ପ୍ରଥମେ ନିଜ ଖାଦ୍ୟପାନୀୟ ଉପରେ ଧ୍ୟାନ ଦିଅନ୍ତୁ । ଆମେରିକା ଫୁଡ୍ ଆସୋସିଏସନ୍ ସଂଘ ମୁଖ୍ୟଙ୍କ ମତରେ ପିଲାଠାରୁ ବୟସ୍କ ଏଥିରେ ସାମିଲ କରାଯିବା ଉଚିତ ।

- ଦେଶୀ ଘିଅ, ଏଥିରେ ଥିବା ପୋଷକତତ୍ତ୍ୱ ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରେ । କେତେକ ବର୍ଗର ଲୋକଙ୍କ ଭୟ ଯେ ଦେଶୀ ଘିଅ ଖାଇଲେ ଓଜନ ବଢିବା ସହ କୋଲେଷ୍ଟୋରଲ୍ ସ୍ତର ବୃଦ୍ଧି ହୁଏ । ତାହା ଭୁଲ୍ ପ୍ରମାଣିତ ହୋଇଛି । ଦୈନିକ ସକାଳବେଳା ଗୋଟିଏ ଚାମଚ ଶୁଦ୍ଧ ଦେଶୀଘିଅ ୧ ମାସ ଖାଇବା ପରେ ଏହାର ଉତ୍ତମ ପ୍ରଭାବ ଜାଣିପାରିବେ ।
- ଭିଟାମିନ୍ ସି ଯୁକ୍ତ ସମସ୍ତ ପ୍ରକାର ଫଳ ଓ ପନିପରିବା ନିଜ ଭୋଜନରେ ସାମିଲ କରନ୍ତୁ । ଖରାଦିନେ ଦିନକୁ ୩-୪ ଥର ଘରେ ଲେମ୍ବୁ, ପାଣି ପିଅନ୍ତୁ । ଏହା ଦ୍ୱାରା ଫୂର୍ତ୍ତି ଲାଗିବା ସହ ଶରୀରର ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବଢିଥାଏ ।
- ରସୁଣ, ଏହାର ଆବଶ୍ୟକତା ଦୈନନ୍ଦିନ ଜୀବନରେ ଖୁବ୍ ଅଧିକ । ପ୍ରତ୍ୟେକ ବ୍ୟଞ୍ଜନରେ ରସୁଣ ଛୁଙ୍କ ଦେଇ ପରଷନ୍ତୁ । ନଚେତ୍ ସକାଳୁ ଖାଲିପେଟରେ ୨-୩ ରସୁଣ ପାଖୁଡା ଖାଇବା ଶରୀର ପାଇଁ ମହୌଷଧି ପରି କାମ କରେ ।
- ଅମୃତଭଣ୍ଡା, ଏଇ ପରିବା ଉଭୟ କଂଚା ଓ ପାଚିଲା ଖାଇ ହୁଏ । ବିଭିନ୍ନ ପ୍ରକାର ତରକାରିରେ ଏଇ ପରିବାର ଉପଯୋଗ କରି ଖାଇବା ଉଚିତ ।
- ରିଫାଇନ୍ ତେଲ ପରିବର୍ତ୍ତେ ସୋରିଷ ତେଲ କିମ୍ବା ନଡିଆ ଦେଲରେ ଖାଦ୍ୟ ପ୍ରସ୍ତୁତ କରନ୍ତୁ । ପୂର୍ବେ ଲୋକ ଏଇ ସବୁ ତେଲରେ ହୁଁ ଖାଦ୍ୟ ରାନ୍ଧୁଥିଲେ । ସେମାନଙ୍କ ସୁସ୍ଥ ଜୀବନଶୈଳୀର ଏହା ଅନ୍ୟତମ ସୂତ୍ର ଥିଲା ।
- ଦହି, ଦ୍ୱିପହର ଭୋଜନରେ ଆପଣ ଏହା ଖାଇପାରିବେ । ଶରୀରକୁ ଶକ୍ତି ଯୋଗାଇବାରେ ଦହି ଖୁବ୍ ସହାୟକ ହୋଇଥାଏ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୪ ଅଗଷ୍ଟ ୨୦୨୦, ମଙ୍ଗଳବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ମୂଲ୍ୟବୋଧ...

ଗଣତନ୍ତ୍ର ଶାସନ ଅଭ୍ୟୁଦୟ ହେବାକାଳରୁ ଲୋକପ୍ରିୟ ହେବାରେ ଲାଗିଛି। ଏହାର ପ୍ରଧାନ କାରଣ ହେଉଛି ଯେ ଗଣତନ୍ତ୍ରରେ ଆଇନର ଶାସନ ଅର୍ଥାତ ଆଇନ ଆଗରେ ସମସ୍ତେ ସମାନ ବିବେଚିତ ହୁଅନ୍ତି। ଗରିବ କୋଟିପତି ମଧ୍ୟରେ ବା କ୍ଷମତାଶୀଳ ଓ କ୍ଷମତା ନଥିବା ବ୍ୟକ୍ତି ମଧ୍ୟରେ ଆଇନ ଆଗରେ ସମସ୍ତେ ସମାନ। ଆମ ଦେଶରେ ଲୋକସଂଖ୍ୟା ୧୩୦କୋଟି ପାଖାପାଖି ହେଲାଣି ଏବଂ ଲୋକସଂଖ୍ୟା ଯେପରି ଗତିରେ ବଢୁଛି ତାହାହେଲେ ୨୦୩୦ ବେଳକୁ ଆହୁରି ବଢ଼ିଥିବ ଏଥିରେ ସନ୍ଦେହ ନାହିଁ। ଭାରତ ପରି ଏକ ବିରାଟ ପ୍ରାଚୀନ ଦେଶ ହଜାର ବର୍ଷ ଧରି ଆକ୍ରମଣକାରୀମାନଙ୍କ ଅଧୀନରେ ରହିଥିଲା। କିନ୍ତୁ ବ୍ରିଟିଶ ଶାସନରୁ ସ୍ୱଦେଶୀ ସରକାରର ଶାସନ ଯେ ଅଧିକ ହିତକର ଏବଂ ସ୍ୱାଭିମାନୀ ଏହା ନିଶ୍ଚିତ। ପୃଥିବୀରେ ପ୍ରାୟ ୧୦୦ପାଖାପାଖି ଦେଶରେ ଗଣତନ୍ତ୍ର ଶାସନ ଚାଲିଛି। ଏଇ ସଂଖ୍ୟା କ୍ରମଶଃ ବଢୁଥିଲେ ମଧ୍ୟ କେତେକ ପ୍ରତିକୂଳ ସାମାଜିକ ପରିବର୍ତ୍ତନ ଓ ଧର୍ମାନ୍ଧତା ଗଣତନ୍ତ୍ର ପ୍ରସାରକୁ ଅଟକାଇ ଦେଇଛି। ଗଣତନ୍ତ୍ରର ପ୍ରଧାନ ମୂଲ୍ୟବୋଧ ହେଉଛି ରାଜନୈତିକ, ସାମାଜିକ କ୍ଷେତ୍ରରେ ସମାନତା। ଆମ ସମ୍ବିଧାନ ଏଇ ଗଣତାନ୍ତ୍ରିକ ମୂଲ୍ୟବୋଧଗୁଡ଼ିକୁ ସ୍ୱୀକାର କରିଥିବାରୁ ସମ୍ବିଧାନ ପ୍ରଣୟନ ହେଲା ପରେ ୧୯୫୦ଠାରୁ ଏ ପର୍ଯ୍ୟନ୍ତ ଗଣତନ୍ତ୍ର ଭାରତୀୟମାନଙ୍କର ଲୋକତନ୍ତ୍ରକୁ ପ୍ରଭାବିତ କରି ଆସୁଛି। କିନ୍ତୁ ଦୀର୍ଘ ହଜାରହଜାର ବର୍ଷର ପରାଧୀନତା ଏ ଦେଶର ପ୍ରଥା, ପରମ୍ପରା ଓ ବ୍ୟବହାରିକ ଜୀବନଧାରାକୁ ଏଭଳି ବିକୃତ କରିଦେଇଛି ଯେ ବିବିଧତା ମଧ୍ୟରେ ଧର୍ମ, ସଂସ୍କୃତି, ଭାଷା ଲୋକମାନଙ୍କୁ ବାନ୍ଧି ରଖିଛି। କିନ୍ତୁ ଗଣତନ୍ତ୍ରର ଯେଉଁ ସର୍ବାତ୍ମକ ବିକାଶ ଘଟେ ଜନ ଜୀବନରେ ତାହା ଏ ପର୍ଯ୍ୟନ୍ତ ହୋଇନାହିଁ କାରଣ ଗଣତାନ୍ତ୍ରିକ ମୂଲ୍ୟବୋଧଗୁଡ଼ିକ ସବୁ କ୍ଷେତ୍ରରେ ଜନଜୀବନକୁ କ୍ରିୟାଶୀଳ ଓ ଶକ୍ତିଶାଳୀ କରେ। ଆମ ସମ୍ବିଧାନରେ ବିବିଧତା ସମନ୍ୱୟ ଓ ଏକତାକୁ ଏତେ ସମ୍ମାନ ଦିଆଯାଇଛି ଯେ ସେଥିରେ ଧର୍ମାନ୍ଧତା, ମତାନ୍ଧତାର ସ୍ଥାନ ନାହିଁ। ପ୍ରାଚୀନ ଭାରତର ୫୦୦୦ ବର୍ଷର ବିକାଶ ଏପରି ଭାବରେ ଘଟିଛି ଯେ ବେଦଠାରୁ ପୁରାଣ ଓ ଆଇନର ଶାସନ ପର୍ଯ୍ୟନ୍ତ ସବୁଠାରେ ବ୍ୟକ୍ତି ସ୍ୱାର୍ଥକୁ ପ୍ରାଧାନ୍ୟ ନଦେଇ ଗଣସ୍ୱାର୍ଥକୁ ହିଁ ପ୍ରାଧାନ୍ୟ ଦିଆଯାଇଛି। ସେଥିପାଇଁ ଋଷି ଉଚ୍ଚ କଣ୍ଠରେ କହିଛନ୍ତି ଯେ 'ସର୍ବେ ଭବନ୍ତୁ ସୁଖିନଃ...”। ଅର୍ଥାତ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସୁଖୀ ହୁଅନ୍ତୁ,ନିରାମୟ ହୁଅନ୍ତୁ, ଶୁଭବୁଦ୍ଧି ସମ୍ପନ୍ନ ହୁଅନ୍ତୁ ଏବଂ କେହି ଦୁଃଖ ନ ପାଆନ୍ତୁ। ଗୁରୁକୁଳ ଶିକ୍ଷା ବ୍ୟବସ୍ଥାରେ ଶିଷ୍ୟମାନେ ଯେତେବେଳେ ଗୁରୁଙ୍କର ଆଶ୍ରୟ ନେଉଥିଲେ ମଣିଷତ୍ୱର ବିକାଶ ପାଇଁ ସେତେବେଳେ ସେମାନେ ଗୁରୁଙ୍କର ଆଶୀର୍ବାଦ ସହିତ ସମସ୍ତଙ୍କୁ ସମାନ ସଫଳତା ଦବାପାଇଁ ପ୍ରାର୍ଥନା କରନ୍ତି। ସେଥିପାଇଁ ଛାତ୍ରମାନେ ନିଜ ନିଜର ସ୍ୱାର୍ଥକୁ ପ୍ରାଧାନ୍ୟ ନଦେଇ ଗୁରୁଙ୍କୁ ନିବେଦନ କରନ୍ତି, “ସମାନୋ ମନ୍ତ୍ର ସମତି ସମାନି”। ଅର୍ଥାତ ଆମ ସମସ୍ତଙ୍କ ପାଇଁ ଏକ ମନ୍ତ୍ର ସମାନତା ଆଣୁ, ଭେଦଭାବ ନରହୁ, ସମସ୍ତଙ୍କର ବିକାଶ ସମାନ ଗତିରେ ହେଉ। ଏଭଳି ଏକ ଜାତିର ପ୍ରାଣସ୍ପନ୍ଦନରେ ସହଜରେ ପ୍ରତିକ୍ରିୟାଶୀଳତା କୁସଂସ୍କାର ପରିବର୍ତ୍ତନ ନାମରେ ନୀଚତା ଓ ଆତ୍ମବଳିତାର ପ୍ରବେଶ କରିଥିବାରୁ ଏବେ ସମାନତା, ସମନ୍ୱୟ, ସହନଶୀଳତା ଏସବୁ ମୂଲ୍ୟବୋଧଗୁଡ଼ିକ ଆଚରଣରେ ପ୍ରକାଶ ନପାଇ ଧର୍ମ ଓ ଜାତିବାଦୀ ମନସ୍ତା ମୁଢ଼ତା ଓ କୁସଂସ୍କାର ପ୍ରବେଶ କରିଥିବାରୁ ଗଣତାନ୍ତ୍ରିକ ମୂଲ୍ୟବୋଧଗୁଡ଼ିକ ଶକ୍ତିଶାଳୀ ହେବା ପରିବର୍ତ୍ତେ ଦୁର୍ବଳ ହେଉଛି। ନିକଟରେ ଆନ୍ତର୍ଜାତିକ ସ୍ତରରେ ଗଣତନ୍ତ୍ରର ବିକାଶ ନେଇ ଯେଉଁ ପ୍ରତିକୂଳ ପ୍ରକଟିତ ହେଉଛି ସେଥିରୁ ଜଣାପଡୁଛି ଯେ ଯୁକ୍ତରାଷ୍ଟ୍ର ଆମେରିକା, ଭାରତ, ଋଷିଆ ପ୍ରଭୃତି କେତେକ ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥାର ଅବକ୍ଷୟ ଘଟୁଛି। ଗଣତନ୍ତ୍ରରେ ବ୍ୟକ୍ତିବାଦର ସ୍ଥାନ ନାହିଁ। ତେଣୁ ଚୀନର ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଆଜୀବନ ସେହି ପଦବୀରେ ରହିବା ଏକ ଗଣତାନ୍ତ୍ରିକ ପରମ୍ପରା ନହେଲେ ମଧ୍ୟ ଚୀନର ଲୋକମାନେ ତାହା ମାନି ନେଇଛନ୍ତି। ସେହିପରି ଆମେରିକା, ଋଷିଆ ଓ ଭାରତରେ ଗଣତନ୍ତ୍ର ନାମରେ ଯେଉଁ କେତେଗୁଡ଼ିଏ ମୂଲ୍ୟବୋଧ ପ୍ରଚ୍ଛନ୍ନରେ ହେଉ ବା ପ୍ରକାଶରେ ହେଉ ପ୍ରସାରିତ ହେଉଛି ସେଇ ଗଣତାନ୍ତ୍ରିକ ମୂଲ୍ୟବୋଧଗୁଡ଼ିକ ଶକ୍ତିହୀନ ହୋଇଯିବ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଶାସନ ଅଳଙ୍କୃତ କରିବା ପରେ ତାଙ୍କର ଘନଘନ ନୀତି ପରିବର୍ତ୍ତନ ଏବଂ ଗରିବମାନଙ୍କ ପ୍ରତି ଅନୁଦାରତା ଯେପରି ଗ୍ରହଣୀୟ ନୁହେଁ ସେହିପରି ଧର୍ମ ଓ ଜାତିବାଦ ନାମରେ ଭାରତର ଶାସକଗଣ କେତେପ୍ରଥା ଓ ପରମ୍ପରା ସୃଷ୍ଟି କରିବା ପାଇଁ ଚାହୁଁଥିବାରୁ ତାହା ଭାରତୀୟ ଗଣତନ୍ତ୍ରର ମୂଲ୍ୟବୋଧକୁ ପ୍ରତିକ୍ରିୟାଶୀଳ କରିବ। ଅବଶ୍ୟ ଋଷରେ ସଂସଦୀୟ ଗଣତନ୍ତ୍ର ନାହିଁ କିମ୍ବା ସାମ୍ବିଧାନିକ ଗଣତନ୍ତ୍ରର ବି ନାହିଁ। ଚାରି ବର୍ଷର ବ୍ୟବଧାନରେ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ହୁଏ। କିନ୍ତୁ ଥରେ ରାଷ୍ଟ୍ରପତି ନିର୍ବାଚିତ ହେଲେ ଆଇନ ଓ ସାମ୍ବିଧାନିକ ବ୍ୟବସ୍ଥା ମାନି ରାଷ୍ଟ୍ରପତିଙ୍କୁ କାମ କରିବାକୁ ହୁଏ। ତାହା ନକଲେ ସାମ୍ବିଧାନିକ ଶାସନ କ୍ଷତିଗ୍ରସ୍ତ ହେବ। ଗୋଟିକ ପରେ ଗୋଟିଏ ନିର୍ବାଚନ ପ୍ରମାଣ କରୁଛି ଯେ ଗଣମାନଙ୍କୁ ଆଗରେ ନରଖି ପଛରେ ରଖିବା ପାଇଁ ପ୍ରାୟ ସବୁ ଦଳ ସ୍ଥାନ ଦେଉଥିବାରୁ “ଜନଗଣମନ ଅଧିନାୟକ ଜୟ ହେ”ର ତାତ୍ପର୍ଯ୍ୟ ମଳିନ ପଡ଼ିଯାଇଛି।

ପ୍ରତିଦ୍ୱନ୍ଦିତା....

ନିରଂଜନ ସାହୁ

ଏବେ
ଭାରି ଇଚ୍ଛା ହେଉଛି
ତୁମ ସହିତ ପ୍ରତିଦ୍ୱନ୍ଦିତା କରି
କବିତା ଲେଖିବାକୁ।

ମୁଁ ଜାଣେ
ତୁମେ ଜଣେ ପ୍ରତିଷ୍ଠିତ କବି
ସର୍ବତ୍ର ବେଶ୍ ସୁନାମ ତୁମର।

ତଥାପି ତୁମ ପ୍ରତିଭା ସହିତ
ଲଢ଼େଇ କରିବାର ଜିଦ୍
ବସା ବାନ୍ଧିଛି
ଏବେ ମୋ ମୁଣ୍ଡରେ।

ମୁଁ ଜାଣେ
କବିତା ଲେଖିବାର
କଳା କି କୌଶଳ
ମୋତେ ଜଣାନାହିଁ
କିନ୍ତୁ ପ୍ରତିଦ୍ୱନ୍ଦିତା କରିବାର
ନିଘା ଘାରିଛି ମୋତେ
ତୁମ ସହିତ।

ମୋ ଆଖି ସାମ୍ନାରେ
ବାଗ୍‌ଦେବୀ, ଗଣେଶଙ୍କ ଫଟୋ
ମୋ ପଢ଼ା ଟେବୁଲ ଉପରେ
କାଗଜ କଲମ
ଆଉ ଚେୟାର ଉପରେ ବସି
କବିତାକୁ ଆବାହନ କରୁଛି ମୁଁ
ଏକ ନିଆରା ଢ଼ଙ୍ଗରେ।

ତୁମେ ତାସ୍‌ଲ୍ୟ କରି
ହସୁଛ କି ?

ତୁମେ ଦେଖିବ
ମୁଁ ନିଶ୍ଚେ ସଫଳ ହେବି
ଉଦୟ ହେବ ମୋର କବିପଣ
ଜାଗି ଉଠିବ ମୋର କବିସତ୍ତା
ଆଉ ତୁମ କବିତାର ଜ୍ୟୋତି
ମ୍ଳାନ ପଡ଼ିଯିବ
ମୋ କବିତାର
ତେଜୋଦ୍ଦୀପ୍ତ ଶିଖା ପାଖରେ।

ଦିନ ଥିଲା
ତୁମ କବିତା ଲେଖିବାର
ପ୍ରେରଣାଦାତା ଥିଲି ମୁଁ
ଯଦିଓ କବିତା କଣ
ଏବେ ବି ମୁଁ ବୁଝେ ନାହିଁ
ଅଥଚ ମୋର ସାମାନ୍ୟ ପ୍ରେରଣା ହିଁ
ତୁମକୁ ପ୍ରତିଷ୍ଠିତ କରାଇପାରିଛି
ଏତେବଡ଼ କବି ଭାବରେ।

ଆଜି ମୋର ପ୍ରେରଣାଦାତା
କେହିନାହାନ୍ତି ସତ
ମାତ୍ର ତୁମ କବିତାର ସହ
ତାଳଦେଇ ଲେଖିବାର ଜିଦ୍ ହିଁ
ମୋର ପ୍ରେରଣା
ଆଉ ମୁଁ ଏବେ ବେଶ୍ ପ୍ରଯତ୍ନ
ତୁମ କବିତାକୁ ଟପିଯିବାର
ଜିଦ୍ ନେଇ।

+ ନିହଲପ୍ରସାଦ, ଗଁଦିଆପାଟଣା,
ଢ଼େଙ୍କାନାଳ-୭୫୯୦୧୨
ମୋ:୯୯୩୮୭୪୧୫୮୩

କରୋନା ମହାମାରୀ ସମୟରେ ଅଭିଭାବକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ

ପ୍ରଦୀପ୍ତ ଆଚାର୍ଯ୍ୟ

ସମଗ୍ର ବିଶ୍ୱର ମାନବ ସମାଜ ଆଜି ଭୟଙ୍କର କରୋନା ମହାମାରୀର କରାଳ ମୁଖ ଗହ୍ୱର ସମ୍ମୁଖରେ ଦଣ୍ଡାୟମାନ। ଭୀତତ୍ରସ୍ତ ମାନବ ସମାଜ। ଚତୁର୍ଦ୍ଦିଗରେ ହାହାକାର। ସାମାଜିକ କ୍ଷେତ୍ର ଠାରୁ ଆରମ୍ଭ କରି ରାଜନୀତି, ସ୍ୱାସ୍ଥ୍ୟ ଏବଂ ଅର୍ଥନିତୀ କ୍ଷେତ୍ର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ର କରୋନାର କବଳରେ କବଳିତ। ଜୀବନ ଜୀବିକା ମଧ୍ୟରେ ସଂଘର୍ଷ। ଅନିଶ୍ଚିତ ଭବିଷ୍ୟତର ଆଶଙ୍କାରେ ସମସ୍ତେ ଆତଙ୍କିତ। ଏହି ପରିସ୍ଥିତିରେ ଭୟଙ୍କର ଭାବରେ କ୍ଷତିଗ୍ରସ୍ତ ହୋଇଛି ଶିକ୍ଷା ବ୍ୟବସ୍ଥା ଏବଂ ଚପଳମତି ଶିଶୁ ଏବଂ କିଶୋର ମାନଙ୍କର ମାନସିକତା। ଶିଶୁଟିଏ ମାତୃକୋଳ ତ୍ୟାଗକରି ଯେତେବେଳେ ବିଦ୍ୟାଳୟ ପରି ଏକ ନୂଆ ଦୁନିଆରେ ପଦାର୍ପଣ କରେ,ସେତେବେଳେ ତାର ଦ୍ୱିତୀୟ ଆପଣାର ଲୋକ ହୋଇଥାଏ ତାର ସହପାଠୀ।ବିଦ୍ୟାଳୟରେ ଦୀର୍ଘଛଅ ଘଂଟାର ରହଣୀ ମଧ୍ୟରେ ସହପାଠୀ ମାନଙ୍କ ସହିତ ଏକତ୍ର ଭୋଜନ,ଖେଳକୁଦ,ମାରପିଟ ତଥା ରାଗରଷା ତାର ଆତ୍ମୀୟତାକୁ ବହୁଗୁଣିତ କରିଥାଏ। ତା ମନଗହନର ସମସ୍ତ ଉହଣ୍ଡା, ଯାହାକି ସେ ପରିବାରର ସଦସ୍ୟଙ୍କ ଆଗରେ ପ୍ରକାଶ କରିବାକୁ ଶଙ୍କା କରିଥାଏ,ତାହା ସହପାଠୀଙ୍କ ସମ୍ମୁଖରେ ନିର୍ଦ୍ୱନ୍ଦରେ ପରିପ୍ରକାଶ କରିବାକୁ କୁଣ୍ଠା ପ୍ରକାଶ କରିନଥାଏ।କ୍ରମେ ବିଦ୍ୟାଳୟ ତାର ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଏ। ଆଜି କିନ୍ତୁ ତାହା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ । ମାର୍ଚ୍ଚମାସଠାରୁ ଅଦ୍ୟାବଧି ଦୀର୍ଘ ଛଅମାସ ଧରି ବିଦ୍ୟାଳୟରେ ତାଲା ଝୁଲୁଛି ଏବଂ କେବେ ଖୋଲିବ ତାହା ମଧ୍ୟ ଅନିଶ୍ଚିତ। ଏତଦ୍‌ବ୍ୟତୀତ ସରକାରୀ କୋଭିଡ ନିୟମାନୁଯାୟୀ ଦୁଇ ମିଟର ସାମାଜିକ ଦୁରତ୍ୱ ରକ୍ଷାକରି ଶ୍ରେଣୀଗୃହରେ ପ୍ରତ୍ୟକ୍ଷ ଶିକ୍ଷାଦାନ କେବେବି ସମ୍ଭବ ନୁହେଁ। ସରକାର ଏଦିଗରେ ଏଯାବତ୍ କୌଣସି ସ୍ଥିର ନିଷ୍ପତି ନେଇ ପାରୁନାହାନ୍ତି। କରୋନାର ଭୟଙ୍କର ବ୍ୟାପକତା କେବେଯେ ପ୍ରଶମିତ ହେବ ତାହାର ନିର୍ଦ୍ଦିଷ୍ଟତା ସନ୍ଦିହାନ। ପିଲାଟି ଆଜି ନିଜ ଘରେ ଗୃହବନ୍ଦୀ। ଅନେକ ଆନୁସଙ୍ଗିକ କାରଣ ତାକୁ ମାନସିକ ସ୍ତରରେ ଚାପଗ୍ରସ୍ତ କରାଉଅଛି। ତନ୍ମଧ୍ୟରୁ ୧)ପ୍ରଥମ ହେଲା ନିଃସଙ୍ଗତା। ବାହାରକୁ ଯାଇ ସାଙ୍ଗସାଥୀ ମାନଙ୍କ ସହିତ ନମିଶିବା ନିମନ୍ତେ କଠୋର କଟକଣା। ୨) ହ୍ୱାଟସ ଆପ ଏବଂ ଅନଲାଇନ ପରି ଅନାକର୍ଷଣୀୟ ଶିକ୍ଷାଦାନରେ ପିଲାମାନେ ଆଗ୍ରହ ପ୍ରକାଶ କରିପାରୁ ନାହାନ୍ତି। ୩) ଗ୍ରାମାଟଳର ଅଧିକାଂଶ ଛାତ୍ର ବିଜୁଳି ସେବା, ମୋବାଇଲ ସେବା ଏବଂ ସର୍ବୋପରି ମୋବାଇଲ କ୍ରୟ କରିବା କ୍ଷମତାରୁ ବଂଚିତ।୪)ସାମାଜିକ ଗଣ ମାଧ୍ୟମରେକରୋନାର ଭୟାବହତା,କରୋନା ଜନୀତ ମୃତ୍ୟୁ,କରୋନାର ବ୍ୟାପକତା, ଲକ୍‌ଡାଉନ,ସଟ୍‌ଡାଉନ, କଂଟେନମେଂଟ୍, ସୋସିଆଲ ଡିଷ୍ଟାନ୍ସ ପରି ଶବ୍ଦ ର ବାରମ୍ବାର ପ୍ରଚାର,କୋମଳମତି ଶିଶୁ ଏବଂ କିଶୋର ମାନଙ୍କ ମାନସିକତାକୁ ଗଭୀର ଭାବରେ ପ୍ରଭାବିତ କରୁଅଛି।୫) ବିଦ୍ୟାଳୟ ବନ୍ଦ ସାଙ୍ଗକୁ କୋଚିଙ୍ଗ ସେଂଟର ତଥା ଟିଉସନ ଉପରେ ମଧ୍ୟ କଟକଣା। ଏପରିକି ପଡୋଶୀ ପିଲାମାଙ୍କ ସହିତ ଖେଳକୁଦ ନକରିବା ପାଇଁ ମଧ୍ୟ ଅଭିଭାବକ ମାନଙ୍କର କଡା ତାଗିଦା। ୬)ଶିଶୁ ମାନଙ୍କ କ୍ଷେତ୍ରରେ କଥାଟା ଟିକେ ନିଆରା,କିନ୍ତୁ କିଶୋର ମାନଙ୍କ କ୍ଷେତ୍ରରେ ସଙ୍ଗହୀନ ଜୀବନ ଯାପନ ଅତ୍ୟନ୍ତ ଦୁର୍ବିସହ। ଶିଶୁସୁଲଭ ଉଦ୍ଦାମତା,କୈଶୋରାବସ୍ଥାର ଚପଳତା ଆଜି ସେମାନଙ୍କଠାରୁ ବିଲୁପ୍ତ। ୭) ଅଭିଭାବକମାନେନିଜନିଜ କାର୍ଯ୍ୟରେ ବ୍ୟସ୍ତ ରହି ସେମାନଙ୍କର ପିଲାମାନଙ୍କ ପାଇଁ ଆଦୌ ସମୟ ପ୍ରଦାନ ନକରିବା ଦ୍ୱାରା,ସେମାନଙ୍କ ମନରେ ଏକ ନକରାତ୍ମକ ଭାବନା ସୃଷ୍ଟିର ସମ୍ଭାବନା ଅବଶ୍ୟମ୍ଭାବୀ। ପିଲାମାନଙ୍କର ମୁଖମଣ୍ଡଳ ବିରସ, କଂଠସ୍ୱରରୁ ନିର୍ଗତ ହର୍ଷଧ୍ୱନିର ଫଲଗୁଧାରା ଶୁଷ୍କ,ମୃତ୍ୟୁପରି ଏକ ଅନାଗତ ଭୟରେ ସେ ଆତଙ୍କିତ। ଉପରୋକ୍ତ ପରିପ୍ରେକ୍ଷୀରେ ପିଲାମାନଙ୍କର ଅବସାଦଗ୍ରସ୍ତ ମାନସିକତାର ଭାରସାମ୍ୟ ରକ୍ଷାକରିବା ନିମନ୍ତେ ଅଭିଭାବକ ମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ପଡିବ।୧) ସର୍ବପ୍ରଥମେ ଏହି ବିପଦ ସମୟରେ ଆମମାନଙ୍କୁ ପିଲାଙ୍କ ଗହଣରେ ସର୍ବାଧିକ ସମୟ ବିନିଯୋଗ କରିବାର ଆବଶ୍ୟକତା ରହିଅଛି। କିଛି କାର୍ଯ୍ୟ ନଥାଇ ବାହାରେ ଘଂଟା ଘଂଟା ଧରି ପରନିନ୍ଦା ପରଚର୍ଚ୍ଚା ରାଜନୀତି ଗୁଲି ଗପିବା ଅଭ୍ୟାସରୁ ନିବୃତ ରହି,ପିଲାମାନଙ୍କ ମନସ୍ତତ୍ୱକୁ ଅଧ୍ୟୟନ ପୁର୍ବକ ,ତାଙ୍କର ଇଚ୍ଛା ତାଙ୍କର ରୁଚିକୁ ବିଶ୍ୱେଷଣ କରି,ସେଗୁଡିକ ସକରାତ୍ମକ ଢଙ୍ଗରେ ପରିଚାଳିତ କରାଯିବା ଉଚିତ୍।୨)ଆମର ସମସ୍ତ ପରିଶ୍ରମ ସମସ୍ତ ଅର୍ଥରୋଜଗାର କେବଳ ଆମ ପିଲାମାନଙ୍କର,ଆମ ଉତରାଧିକାରୀଙ୍କର ସୁନ୍ଦର ଭବିଷ୍ୟତ ଓ ମଙ୍ଗଳକଳ୍ପେ ଉଦ୍ଦିଷ୍ଟ। ଗଣମାଧ୍ୟମରେ ବାରମ୍ବାର ପ୍ରସାରିତ କରୋନାର ଭୟାବହତା ତଥା ଶିଶୁ ମାନଙ୍କ ମନରେ ନକରାତ୍ମକ ପ୍ରଭାବ ପକାଉଥିବା ପରି ପ୍ରଚାର ପ୍ରସାର ଠାରୁ ସେମାନଙ୍କୁ ଯଥେଷ୍ଟ ଦୂରତ୍ୱରେ ରଖାଯିବା ଆବଶ୍ୟକ।୩) କରୋନା ଏକ ସାଧାରଣ ଥଣ୍ଡା ଜନୀତ ରୋଗ,ଏଥିରେ ଅନେକ ଲୋକ ସୁସ୍ଥ ହେଉଛନ୍ତି, ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରି,ସାମାଜିକ ଦୁରତ୍ୱ, ବାରମ୍ବାର ହସ୍ତ ପ୍ରକ୍ଷାଳନ ତଥା ମାସ୍କ ପରିଧାନ ନିମନ୍ତେ ସଚେତନତା ସୃଷ୍ଟି କରାଇ,ସେମାନଙ୍କ ମନରୁ ଅହେତୁକ ଭୟ ଦୁର କରାଯିବା ଉଚିତ୍।୪)ପିଲାମାନଙ୍କୁ ,ସେମାନେ ପାଉଥିବା ହ୍ୱାଟସ ଆପ ଏବଂ ଅନ୍‌ଲାଇନ ଶିକ୍ଷା ଗ୍ରହଣରେ ସହାୟତା ପ୍ରଦାନ କରନ୍ତୁ। ମୋବାଇଲ ବ୍ୟବହାର କରିବା ସମୟରେ ନିଜେ ଉପସ୍ଥିତ ରହିବା ଉଚିତ୍ ଶିକ୍ଷା ଗ୍ରହଣ ବ୍ୟତୀତ ଅନ୍ୟ କୌଣସି ବ୍ୟବହାର ନିମନ୍ତେ ମୋବାଇଲ ଦେବା ଅନୁଚିତ୍। ୫)ସେମାନଙ୍କର ମାନସିକ ସ୍ଥିରତା ପାଇଁ, ତାଙ୍କ ମନରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ତଥା ଯୋଗ ପ୍ରାଣାୟମରେ ଅଭ୍ୟସ୍ତ କରାଇବା ଉଚିତ୍। ନିଜେ କରି ଉଦାହରଣ ହୋଇ ତାଙ୍କୁ ପରାମର୍ଶ ଦେଲେ ଅଧିକ ଫଳପ୍ରଦ ହୋଇପାରିବ।୬) ପିଲା ମାନଙ୍କ ଅବସର ସମୟରେ ତାଙ୍କ ସହିତ ବିଭିନ୍ନ ପ୍ରକାର ଇନ୍‌ଡୋର ଗେମ୍ ରେ ସାମିଲ ହୋଇ ତାଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରାଯିବା ଉଚିତ୍ ତଥା ସେମାନଙ୍କର ମନୋରଂଜନ ନିମନ୍ତେ ବିଭିନ୍ନ ପ୍ରକାର ସୃଜନାତ୍ମକ କାର୍ଯ୍ୟ ଯଥା ଚିତ୍ରାଙ୍କନ,ଛୋଟଛୋଟ ବିଜ୍ଞାନ ପରୀକ୍ଷା,ବର୍ଜ୍ୟବସ୍ତୁରୁ ବିଭିନ୍ନ ଗୃହସଜା ଉପକରଣ ପ୍ରସ୍ତୁତି ଇତ୍ୟାଦିରେ ନିୟୋଜିତ କରାଇପାରିଲେ ସେମାନେ ,ଅନେକାଂଶରେ ଅବସାଦ ମୁକ୍ତ ହୋଇପାରିବେ।୭)ଅଭିଭାବକଙ୍କ ଦୃଷ୍ଟିରେ ଯେଉଁମାନେପିଲାମାନଙ୍କର ଉତମ ସାଙ୍ଗ,ବେଳେବେଳେ ସେମାନଙ୍କ ସାଙ୍ଗରେ ମୋବାଇଲରେ ବାର୍ତାଳାପ କରିବା ପାଇଁ ସୁଯୋଗ ଦେବା ଆବଶ୍ୟକ, ଯାହାକି ତାର ଭାରାକ୍ରାନ୍ତ ମନକୁ ବହୁତ

ପରିମାଣରେ ହାଲୁକା କରିବାକୁ ସକ୍ଷମ ହେବ। ୮) ସାନ୍ଧ୍ୟ ପ୍ରାର୍ଥନା ଏବଂ ଭୋଜନସମୟରେ ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପିଲାଙ୍କୁ ସାମିଲ କରାଯିବା ଉଚିତ, ଏବଂ ସେହି ସମୟରେ ତାର ଦୈନନ୍ଦିନ କାର୍ଯ୍ୟର ସମୀକ୍ଷା ଏବଂ ତାର ପସନ୍ଦ ଅପସନ୍ଦର ସାଙ୍ଗସାଥୀ ଓ ଗୁରୁଜୀ ଗୁରୁମାଙ୍କସମ୍ପର୍କରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରାଯିବା ଉଚିତ୍। ସର୍ବୋପରି କରୋନା ମହାମାରୀ ସମୟର ନିଃସଙ୍ଗତା ,କୋମଳମତି ପିଲାମାନଙ୍କ ମନରେ ଯେଉଁ ପରିମାଣରେ ଭୟ ଓ ଆଶଙ୍କା ସୃଷ୍ଟିକରି ତାଙ୍କୁ ଚାପଗ୍ରସ୍ତ କରାଇଅଛି, ଅଭିଭାବକମାନେ ସମ ପରିମାଣରେ ସଚେତନ ହୋଇ ଆନ୍ତରିକ ନିଷ୍ଠାର ସହିତ, ପିଲାମାନଙ୍କ ମନକୁ ଚାପମୁକ୍ତ କରାଇବାର ପ୍ରଚେଷ୍ଟା ଜାରି ନରଖିଲେ ତାହା ଭବିଷ୍ୟତରେ ଏକ ଭୟଙ୍କର କ୍ଷତି ସୃଷ୍ଟି କରିବ ଏହା ନିଃସନ୍ଦେହ।

ଇଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦

ଟ୍ରମ୍ପଙ୍କ ପାଇଁ ଅଗ୍ନିପରୀକ୍ଷା

ସୌମେନ୍ଦ୍ର ଜେନା

ଚଳିତ ବର୍ଷ ଆମେରିକାର ରାଷ୍ଟ୍ରପତି ଡ଼ୋନାଲ୍ଡ଼ ଟ୍ରମ୍ପଙ୍କ ପାଇଁ ଏକ ପରୀକ୍ଷାର ସମୟ। ଏମିତି ଅନେକ ପୂର୍ବତନ ରାଷ୍ଟ୍ରପତି ଦୁଇଥର ବିଜୟୀ ହେବାର ନଜିର ଥିଲାବେଳେ ଟ୍ରମ୍ପ ପୁଣିଥରେ ଚଳିତ ବର୍ଷ ହେବାକୁଥିବା ନିର୍ବାଚନରେ ପ୍ରାର୍ଥୀ ହେଉଛନ୍ତି। କନ୍‌ଜରଭେଟିଭ ଦଳର ଟ୍ରମ୍ପଙ୍କ ବିରୋଧରେ ଡେମୋକ୍ରାଟିକ୍ ଦଳ ପକ୍ଷରୁ ଜୋ ବିଡ଼େନଙ୍କୁ ପ୍ରାର୍ଥୀ କରାଯାଇଛି। ତେବେ ଚଳିତ ବର୍ଷ ବୁହାନ ଭୂତାଣୁର ବିଧ୍ୱଂସକାରୀ ଆକ୍ରମଣ ଯୋଗୁଁ ଆମେରିକାର ଲକ୍ଷ ଲକ୍

ବିନ୍ଦ୍ରା

୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ମଙ୍ଗଳବାର, ଅଗଷ୍ଟ ୦୪, ୨୦୨୦

୧୪ ଗୋଡ଼ିଆ ବିଶାଳ ସମୁଦ୍ର ଅସରପା

ସିଙ୍ଗାପୁରର ଗବେଷକମାନେ ଭାରତ ମହାସାଗରରୁ ଏକ ବିଶାଳ ସମୁଦ୍ର ଅସରପା ଆବିଷ୍କାର କରିଛନ୍ତି । ନ୍ୟାସନାଲ ୟୁନିଭର୍ସିଟି ଅଫ୍ ସିଙ୍ଗାପୁରର ପିଟର ଏନ୍‌ଜିଙ୍କ ନେତୃତ୍ୱରେ କରାଯାଇଥିବା ଏକ ସାମୁଦ୍ରିକ ସର୍ଭେ ସମୟରେ ଏହି ବିଚିତ୍ର ଜୀବ ଠାବ କରାଯାଇଛି । ଇଣ୍ଡୋନେସିଆର ପଶ୍ଚିମ ଜାଗାର ଗଭୀର ସମୁଦ୍ର ମଧ୍ୟରେ ୧୪ ଦିନିଆ ଅଭିଯାନରେ ଗବେଷକମାନେ ୧୨ଶହରୁ ଊର୍ଦ୍ଧ୍ୱ ଗଭୀର ସାମୁଦ୍ରିକ ଜୀବ ସଂଗ୍ରହ କରିଛନ୍ତି । ତନ୍ମଧ୍ୟରୁ ଏହି ବିଶାଳ ଅସରପା ଅନ୍ୟତମ । ଏହାକୁ ଏକ ନୂଆ ପ୍ରଜାତିରେ ଅନ୍ତର୍ଭୁକ୍ତ କରାଯାଇଛି । ନାମ ଦିଆଯାଇଛି 'ବାଥିନୋମସ୍ ରାକ୍‌ସାସା' । ଏ ନେଇ ଖବର ପ୍ରସାରଣ ପରେ ଅସରପାଟି ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚିତ ହୋଇଛି । ତାକୁ ନେଇ ଅସଂଖ୍ୟ ପ୍ରତିକ୍ରିୟା ଦେଖିବାକୁ ମିଳୁଛି । ଗଭୀର ସମୁଦ୍ରରେ ବାସ କରୁଥିବା ଏହି ଅଜବ ଜୀବ ପ୍ରାୟ ୨୦ ଇଞ୍ଚ (୫୦ ସେମି) ପର୍ଯ୍ୟନ୍ତ ବଢ଼ିପାରେ । ବୈଜ୍ଞାନିକ ଅନୁସନ୍ଧାନ ଅନୁସାରେ, ଏହା ଦ୍ୱିତୀୟ ବୃହତ୍ତମ ଆଇସୋପଡ୍ ପ୍ରଜାତିର । ୧୪ ଗୋଡ଼ିଆ ଏହି ଜୀବର ଅନ୍ୟ ସାମୁଦ୍ରିକ ପ୍ରଜାତି ଯଥା- କଙ୍କଡ଼ା ଓ ଚିଙ୍ଗୁଡ଼ି ସହ ଘନିଷ୍ଠ ସମ୍ପର୍କ ରହିଛି । ଅଜବ ମୁଣ୍ଡ ଓ ଆଖି ପାଇଁ ଏହାକୁ ହଲିଉଡ୍ ଫିଲ୍ମର ଏକ କାଳ୍ପନିକ ଚରିତ୍ର 'ଡାର୍ଥ ଭେଡର' ସହ ତୁଳନା କରାଯାଉଛି । ସମୁଦ୍ର ଶଯ୍ୟାରେ ଏମାନେ ବାସକରନ୍ତି ଏବଂ ମୃତ ସାମୁଦ୍ରିକ ଜୀବଙ୍କ ଅବଶେଷ ଖାଇ ବଞ୍ଚନ୍ତି । ଦୀର୍ଘଦିନ ଧରି କିଛି ନ ଖାଇ ମଧ୍ୟ ବଞ୍ଚିପାରନ୍ତି । ଏହି ନୂଆ ଜୀବଟି ଯେଉଁଠାରେ ଆବିଷ୍କାର କରାଯାଇଛି, ତା'ର ଆକାର ଓ ସେଠାକାର ଜୈବବିବିଧତା ବିଶେଷ ଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି ଇଣ୍ଡୋନେସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାହ୍ୟୋ ରାମାଦି କହିଛନ୍ତି ।

ଫିଟ୍ ରହିବାର ଉପାୟ

ସୁସ୍ଥ ରହିବା ପାଇଁ ଦୈନିକ ସବୁଜ ପନିପରିବା ଖାଇବା ଉଚିତ । ବିଶେଷଜ୍ଞଙ୍କ ମତରେ ସପ୍ତାହରେ ୪ରୁ ୫ଦିନ ପାଳଙ୍ଗ ଶାଗ, ମେଥି ଶାଗ ଓ ବନ୍ଧାକୋବି ଖାଇବା ଶରୀର ପାଇଁ ଉପକାରୀ । ଏଥିରେ ପର୍ଯ୍ୟାପ୍ତ ପରିମାଣର ଫାଇବର ଥିବାରୁ ତାହା ଶରୀରକୁ ଶକ୍ତି ପ୍ରଦାନ କରେ ଓ ଓଜନ ନିୟନ୍ତ୍ରଣରେ ମଧ୍ୟ ସହାୟକ ।

- ପ୍ରତିଦିନ ଯୋଗାଭ୍ୟାସ ନଚେତ ବ୍ୟାୟାମ କରିବା ମଧ୍ୟ ଆବଶ୍ୟକ । ପ୍ରାତଃ ଭ୍ରମଣ ଶରୀରକୁ ଫୁର୍ତ୍ତି କରାଇଥାଏ ।
- ଏହା ସହ ଥରକରେ ଅଧିକ ପରିମାଣରେ ନ ଖାଇ ବାରମ୍ବାର ଭୋଜନ କରିବା ଉଚିତ ।
- ଦିନକୁ ୪ରୁ୫ଥର ଅଳ୍ପ ଅଳ୍ପବ କରି ଖାଦ୍ୟ ଖାଇବା ମଧ୍ୟ ଭଲ ।
- ପ୍ରତ୍ୟେକ ବ୍ୟକ୍ତି ଦିନକୁ ୭ରୁ ୮ ଗିଲାସ ପାଣି ପିଇବା ଶରୀର ପାଇଁ ଭଲ ।
- ଏବର ପ୍ରମୁଖ ସମସ୍ୟା ହେଉଛି ନିଦ୍ରା ହୀନତା । ନିଜକୁ ଫିଟ ରଖିବାକୁ ଚାହୁଁଥିବା ବ୍ୟକ୍ତି ଦୈନିକ ୭ରୁ୮ଘଣ୍ଟା ଶୋଇବା ଉଚିତ ।
- ବିଶେଷଜ୍ଞଙ୍କ ମତରେ ମିଠା ଆଦୌ ନ ଖାଇବା ଶରୀର ପାଇଁ ଭଲ । ମିଠା ଖାଇଲେ ଶରୀର ଥକା ଲାଗେ ।
- ପ୍ରତ୍ୟେକଦିନ ଶଯ୍ୟାତ୍ୟାଗ ଠାରୁ ଶୋଇବା ପର୍ଯ୍ୟନ୍ତ ସବୁକିଛି ଠିକ ସମୟରେ କରିବା ଉଚିତ ।



ଭାରତୀୟଙ୍କ ଦୁର୍ବଳତା : ଝରକା କଡ଼ ସିଟ୍

ବସ୍ ହେଉ କିମ୍ବା ଲୋକାଲ୍ ଟ୍ରେନ୍, ଏପରିକି ପ୍ରଥମଥର ବିମାନରେ ଯାଉଥିବା ଅଧିକାଂଶ ଭାରତୀୟ ଝରକାକଡ଼ ସିଟ୍ ଅକ୍ତିଆର କରିବାକୁ ଖୁବ୍ ପ୍ରାଧାନ୍ୟ ଦେଇଥାନ୍ତି । ନିକଟରେ ଏକ ସଂସ୍ଥା ଏହା ଉପରେ ସର୍ବେକ୍ଷଣ କରି ବିଭିନ୍ନ ରୋଚକ ତଥ୍ୟ ପ୍ରକାଶ କରିଛି ।

-ବସ୍ ଓ ଲୋକାଲ ଟ୍ରେନରେ ଝରକାକଡ଼ ସିଟକୁ ସବୁଠୁ ଆରାମପ୍ରଦ ସିଟ୍ ଭାବେ ଯାତ୍ରୀମାନେ ବିବେଚନା କରିଥାନ୍ତି । ବାହାରର ଦୃଶ୍ୟ ଉଗଭୋଗ କରିବା ସହ ଥଣ୍ଡା ପବନର ମଜା ଏହା ଏହି ସିଟରେ ମିଳିଥାଏ ।

-ବସଯାତ୍ରୀଙ୍କ ଅନୁସାରେ ଝରକାକଡ଼ ସିଟରେ ବସିଲେ ସହଜରେ ବିସ୍କୁଟ, ମିକ୍ସଚର, ପଇଡ଼ କିଣି ହୁଏ ଓ ଖାଦ୍ୟଖାଇବା ପରେ ଡବା ଫିଙ୍ଗିବାରେ କୌଣସି ଅସୁବିଧା ହୁଏନାହିଁ ।

-ତମାଖୁ ଓ ପାନଖିଆ ଲୋକେ ଝରକାକଡ଼ ସିଟ୍‌କୁ ସବୁଠୁ ସୁଖକର ମଣନ୍ତି । କାରଣ ଛେପ ପକାଇବାରେ ଆଦୌ ଅସୁବିଧା ଉପୁଜିନଥାଏ ।

-ବିଦେଶରେ ମଧ୍ୟ ବସ୍ ଯାତ୍ରାବେଳେ ଭାରତୀୟମାନେ ଝରକାକଡ଼ ସିଟକୁ ଅକ୍ତିଆର କରିବାରେ ଆଦୌ କୁଣ୍ଠାବୋଧ କରୁନଥିବା ପ୍ରକାଶ ।

ଇକୋ ଗାଁ ମୁଦୁଲିଗାଡ଼ିଆ



ଦିନେ କାଠମାଫିଆ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡୁଥିବା ଗାଁ ଆଜି ଓଡ଼ିଶାର ଏକ ମଡେଲ୍ ଗାଁ ଭାବେ ପରିଚିତ । କାରଣ ଇକୋ ଗାଁର ମାନ୍ୟତା ପାଇଛି ଏହି ଗାଁ ଯାହାର ନାଁ ମୁଦୁଲିଗାଡ଼ିଆ । ଇଚ୍ଛାଶକ୍ତି ଏବଂ ଭିନ୍ନ କିଛି କରି ଦେଖାଇବାର ଆଗ୍ରହରେ ଏହି ଗାଁର ଲୋକମାନେ ନିଜ ନିଜର ମାଟି ଘରକୁ ଆକର୍ଷଣୀୟ ରୂପ ଦେଇଛନ୍ତି । ନିଜ ପରମ୍ପରା, କଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ଯାଇ ଘରର କାନ୍ଥରେ ଆଙ୍କିଛନ୍ତି ପାରମ୍ପରିକ ଅନେକ ଆକର୍ଷଣୀୟ ଚିତ୍ରକଳା । ଗାଁକୁ ପ୍ରବେଶ କଲା ମାତ୍ରେ ଆଖିରେ ପଡ଼ିବ ଏହାର ଦୁଇପଟେ ଚାରା ରୋପଣ କରାଯାଇ ସବୁଜ ବନାନୀ ସୃଷ୍ଟି କରାଯାଇଛି । କେବଳ ଏତିକି ନୁହେଁ, ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଡଷ୍ଟବିନ୍ ବ୍ୟବହାର ମଧ୍ୟ କରାଯାଇଛି । ଏହା ବ୍ୟତୀତ ଆଉ ଏକ ଉଲ୍ଲେଖନୀୟ କଥା ହେଉଛି ଗାଁର ଲୋକମାନେ ସଂପୂର୍ଣ୍ଣ ଗାଁଟିକୁ ଶତ ପ୍ରତିଶତ ପ୍ଲାଷ୍ଟିକ୍ ମୁକ୍ତ କରିପାରିଛନ୍ତି । ନୟାଗଡ଼ ଜିଲ୍ଲା ସାତକୋଶିଆ ଗଣ୍ଡ ନିକଟରେ ରହିଛି ଏହି ଗାଁ । ଏହା ବଡ଼ମୂଳ ପରିବେଶ ପର୍ଯ୍ୟଟନସ୍ଥଳ ପାଖରୁ ପ୍ରାୟ ୨ କିମି ଦୂରରେ ଅବସ୍ଥିତ । ଦିନେ ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ଗ୍ରାମବାସୀ ଏବେ ନିଜ ପେଟପାଟଣା ପାଇଁ ଜୈବିକ ଚାଷକୁ ଗୁରୁତ୍ୱ ଦେଉଛନ୍ତି । କୀଟନାଶକ ବ୍ୟବହାର କରିବା ପରିବର୍ତ୍ତେ ଗାଈରର ଗୋବରରୁ ଖତ ପ୍ରସ୍ତୁତ କରି ସେମାନେ ଚାଷ ଜମିରେ ଉପଯୋଗ କରୁଛନ୍ତି । ପୂଜା ପାଇଁ ମଧ୍ୟ ସେମାନେ ଗୋଟିଏ ସ୍ଥାନରେ ପୂଜାସ୍ଥଳ ତିଆରି କରିଛନ୍ତି । ଏ ସଂପର୍କରେ ମୁଦୁଲିପଡ଼ା ଗାଁର ଲୋକେ କୁହନ୍ତି ଗତବର୍ଷ ଏହି ଗାଁକୁ ଦେଶ ବିଦେଶର ଅନେକ ପର୍ଯ୍ୟଟକ ବୁଲି ଆସିଥିଲେ । ସେମାନେ ଗାଁଟି ବୁଲି ଦେଖିବା ପରେ ଏହାକୁ ଓଡ଼ିଶାର ଏକ ମଡେଲ ଗାଁ ବୋଲି ଅବିହିତ କରିବା ସହିତ ଗ୍ରାମବାସୀଙ୍କ ପ୍ରୟାସକୁ ମୁକ୍ତକଣ୍ଠରେ ପ୍ରଶଂସା ମଧ୍ୟ କରିଥିଲେ । ଏଠାରେ ଗୋଟିଏ କଥା ସୂଚାଇ ଦିଆଯାଇପାରେ ଯେ ଏହି ଗାଁକୁ ପର୍ଯ୍ୟଟକ ଆସିବା ଦ୍ୱାରା କେବଳ ଗାଁଟି ଦେଶ ବିଦେଶରେ ପରିଚିତ ହୋଇପାରି ନାହିଁ । ବରଂ ଗ୍ରାମବାସୀଙ୍କ ଆର୍ଥିକ ଅବସ୍ଥାରେ ମଧ୍ୟ କେତେକାଂଶରେ ସୁଧାର ଆସିପାରିଛି । ଜଙ୍ଗଲ ବିଭାଗ ସହାୟତାରେ ମୁଦୁଲିପଡ଼ାର ଲୋକମାନେ ଉନ୍ନତ ଜୀବନଧାରଣ କରିବାର ସୁଯୋଗ ପାଇ ପାରିଛନ୍ତି । ଗାଁର ଲୋକମାନେ ଏବେ ଆଉ ପେଟପାଟଣା ପାଇଁ କେବଳ ଜଙ୍ଗଲ ଉପରେ ନିର୍ଭର କରୁନାହାନ୍ତି । ପରିବେଶ ପର୍ଯ୍ୟଟନ ପ୍ରକଳ୍ପ ଯୋଗୁଁ ଗାଁ ଲୋକଙ୍କ ଜୀବନଧାରଣର ମାନରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ବାହାର ଦୁନିଆର ଲୋକମାନେ ଏହି ଗାଁ ଏବଂ ଏଠାକାର ବାସିନ୍ଦା, ପରିବେଶ ଓ ପ୍ରକୃତିକୁ ଚିହ୍ନିବାର ସୁଯୋଗ ପାଇଛନ୍ତି । ବିଗତ ୩ ବର୍ଷ ମଧ୍ୟରେ ଏହି ଗାଁ ପ୍ରାୟ ୨ କୋଟି ଟଙ୍କା ଆୟ କରିପାରିଛି । ଏହା ବ୍ୟତୀତ ଗାଁର ପ୍ରତି ପରିବାର ମାସିକ ୧୫ ହଜାର ଟଙ୍କା ଆୟ କରିବାରେ ସମର୍ଥ ହୋଇ ପାରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଗାଁକୁ ପାଖାପାଖି ୧୦ ନିୟୁତ ପର୍ଯ୍ୟଟକ ଆସିଥିବାର ଜାଣିବାକୁ ମିଳିଛି । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏହାକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ ଗଠନ କରିଥିଲେ । ଗାଁରେ ରହୁଥିବା ୩୫ଟି ପରିବାରର ଲୋକମାନେ କିପରି ଆତ୍ମନିର୍ଭରଶୀଳ ହେବେ ଓ ଗାଁରେ କିପରି ବର୍ଜ୍ୟବସ୍ତୁ ପରିଚାଳନା କରାଯାଇପାରିବ ଏବଂ ପ୍ଲାଷ୍ଟିକର ବ୍ୟବହାରକୁ ରୋକାଯାଇପାରିବ ତାହା ହିଁ ଥିଲା ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ । ମୁଦୁଲିଗାଡ଼ିଆର ସ୍ୱାତନ୍ତ୍ର୍ୟ ହେଉଛି ଏହି ଛୋଟ ଗାଁଟି ସ୍ଥାନୀୟ ଲୋକଙ୍କ ତତ୍ତ୍ୱାବଧାନ ଓ ଉଦ୍ୟମରେ ଇକୋ ଗାଁରେ ପରିଣତ ହୋଇପାରିଛି । ଇକୋ-ଟୁରିଜିମ୍‌ର ଏହି ଓଡ଼ିଶା ମଡେଲ ପ୍ରକଳ୍ପ ଏକମାତ୍ର ପ୍ରକଳ୍ପ ଯାହା କି ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । କେବଳ ସେତିକି ନୁହେଁ ଏଥିରୁ ଆଦାୟ ହେଉଥିବା ରାଜସ୍ୱର ୮୦ ପ୍ରତିଶତ ପ୍ରତ୍ୟେକ୍ଷ ଭାବେ ଲୋକଙ୍କ ପାଖକୁ ଯାଇଥାଏ । ବଳକା ୨୦ ପ୍ରତିଶତ ରାଜସ୍ୱରେ ପର୍ଯ୍ୟଟନସ୍ଥଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ କରାଯାଇଥାଏ ।



ସୁଜି ବରଫି

ବରଫି କହିଲେ ସାଧାରଣତଃ ବେସନ କି କାଜୁ ବରଫି ବୋଲି ଲୋକେ ବୁଝିଥାଆନ୍ତି । କିନ୍ତୁ ସୁଜିରେ ମଧ୍ୟ ବରଫି ତିଆରି ହୋଇପାରିବ । କାଜୁ ଓ ବେସନ ବରଫି ଭଳି ସୁଜିରେ ତିଆରି ବରଫି ଅଧିକ ଦିନ ପର୍ଯ୍ୟନ୍ତ ରହିପାରିବ । ଭାଗମାପ ଠିକ୍ ରହିଲେ ଏହା ଖାଇବାକୁ ସୁଆଦିଆ ଲାଗିବା ସହିତ ଆପଣ ଚାହିଁଲେ ଏହାକୁ କିଛିଦିନ ଷ୍ଟୋର୍ କରି ରଖିପାରିବେ । ଯେଉଁମାନଙ୍କର ଲାକ୍ଟିକ୍ ଆଲର୍ଜି ଅଛି ସେମାନେ ଏହି ବରଫିକୁ ଆରାମରେ ଖାଇପାରିବେ । କାରଣ ସୁଜି ବରଫି ପ୍ରସ୍ତୁତ କଲା ବେଳେ କ୍ଷୀର ଦରକାର ହୋଇନଥାଏ । ଯେଉଁମାନେ ଚାହିଁବେ ସେମାନେ ମିଶାଇ ପାରିବେ । ଉତ୍ତର ଭାରତୀୟ ଲୋକମାନେ ସୁଜି ବରଫିକୁ ସାଧାରଣତଃ ଜନ୍ମାଷ୍ଟମୀ ଅବସରରେ ପ୍ରସ୍ତୁତ କରିଥାଆନ୍ତି । ଅନେକ ପୁଣି ତିଜ୍ ଅବସରରେ ଏହି ବରଫି ପ୍ରସାଦ ପାଇଁ ତିଆରି କରିଥାଆନ୍ତି । ସୁଜି ବରଫି ଟିକେ କୁରକୁରିଆ ଲାଗିଥାଏ । ଏହା ତିଆରି କରିବା ସହଜ । ଏହାର ସ୍ୱାଦ ମଧ୍ୟ ଭଲ । ଯଦି ଭାଗ ମାପ ଠିକ୍ ରହିବ ତେବେ ଏହାକୁ ଆପଣ ମାସେରୁ ଅଧିକ ସମୟ ରଖିପାରିବେ । ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳି ।

ପ୍ରସ୍ତୁତି:

ପ୍ରଥମ ଥର ପାଇଁ ତିଆରି କରିବାକୁ ଯାଉଥିଲେ ଏହି ମାପ ଅନୁସରଣ କରନ୍ତୁ । ସୁଜି ୧ କପ (୨୦୦ଗ୍ରାମ), ଚିନି ୩/୪ କପ୍ (୧୫୦ ଗ୍ରାମ), ଘିଅ ୧/୨ କପ୍ (୧୦୦ଗ୍ରାମ), କାଜୁ ୧୦ଟା, ଆଲମଣ୍ଡ ବା ବାଦାମ ୧୦ଟା, ଗୁଜୁରାତି ୪ଟା । ସୁଜି ବରଫି ତିଆରି କରିବା ପାଇଁ ଏକ ପ୍ୟାନରେ ୧/୨ କପ୍ ଘିଅ ପକାଇ ଗରମ କରନ୍ତୁ । ଘିଅ ଗରମ ହେଲା ପରେ ଏଥିରେ ୧ କପ୍ ସୁଜି ଭାଜି ହୋଇଗଲା ପରେ ଏକ ପ୍ଲେଟ୍‌ରେ ବାହାର କରି ଥଣ୍ଡା କରିବାକୁ କିଛି ସମୟ ଛାଡ଼ିଦିଅନ୍ତୁ । ଏଥର ବରଫି ପାଇଁ ସିରା ପ୍ରସ୍ତୁତ କରନ୍ତୁ । ସିରା ତିଆରି କରିବା ପାଇଁ ପ୍ୟାନରେ ୩/୪ କପ୍ ଚିନିରେ ଅଧ କପ ପାଣି ମିଶାଇ ଚିନି ମିଳାଇବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ । ଏହାପରେ ବରଫି ଜମିବା ପାଇଁ ଏକ ପ୍ଲେଟ୍‌ରେ ଘିଅ ମାରି ଛାଡ଼ିଦିଅନ୍ତୁ । ଏଥର ଚିନି ମିଶିଗଲା କି ନାହିଁ ଦେଖନ୍ତୁ । ଚିନି ମିଶିଯାଇଥିଲେ ଆଙ୍ଗୁଳି ହାଲୁକା କରି ହାତରେ ଗୋଲ ଗୋଲ କରି ଟିକେ ଦେଖିନିଅନ୍ତୁ । ଯଦି ଦେଖିବେ ହାତରେ କିଛି ଚିପାଚିପା ଲାଗୁନାହିଁ ତେବେ ଜାଣିବେ ଏହି ମିଶ୍ରଣ ବରଫି ଜମିବା ପାଇଁ ପ୍ରସ୍ତୁତ । ଏଥର ଏହି ମିଶ୍ରଣକୁ ଘିଅ ଲଗାଯାଇଥିବା ପ୍ଲେଟରେ ଢାଳି ଭଲ କରି ସେଟ୍ କରିଦିଅନ୍ତୁ । ଟିକେ ଥଣ୍ଡା ହୋଇଗଲା ପରେ ଯେଉଁଠୁ କାଟିବେ ଛୁରିରେ ଦାଗ ଦେଇଦିଅନ୍ତୁ । ଟିକେ ଥଣ୍ଡା ହୋଇଗଲା ପରେ ଯେଉଁଠୁ କାଟିବେ ସେଠାରେ ଛୁରିରେ ଦାଗ ଦେଇଦିଅନ୍ତୁ । ବରଫି ଥଣ୍ଡା ହୋଇଗଲେ ଛୋଟ ଛୋଟ ଟୁକୁରା କରି କାଟି ଦିଅନ୍ତୁ । ସଂପୂର୍ଣ୍ଣ ଥଣ୍ଡା ହୋଇଗଲେ ଏହାକୁ ଏୟାର ଟାଇଟ୍ କଣ୍ଟେନର୍‌ରେ ଭରି ରଖନ୍ତୁ । ସ୍ୱାଦ ଅନୁସାରେ ଆପଣ ଚିନି ମିଶାଇ ପାରିବେ ।

କୁକୁରଙ୍କ ପାଇଁ କେଫ୍

ଫ୍ରିଟନ ଆମେରିକା ପରି ବିଦେଶୀ ରାଷ୍ଟ୍ରରେ ପୋଷାଜନ୍ତୁଙ୍କ ନିମନ୍ତେ ସ୍ୱତନ୍ତ୍ର କେଫ୍, ବ୍ୟୁଟିପାର୍ଲର ରହିଛି । ଭାରତରେ ମଧ୍ୟ ପଶୁପ୍ରେମୀଙ୍କ ସଂଖ୍ୟା ମଧ୍ୟ କିଛି କମ ନୁହେଁ । ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀର ଦୁଇ ଶିଳ୍ପପତି ମହିଳା ମଲ୍ଲିକା ଓ ନୈନିକା ଟଣ୍ଡନ ୨୦୧୬ରେ କୁକୁରଙ୍କ ପାଇଁ ସ୍ୱତନ୍ତ୍ର କେଫ୍ ଖୋଲିଥିଲେ । ରାଜଧାନୀ ଦିଲ୍ଲୀରେ ଏକ କେଫ ଖୋଲାଯାଇଥିବା ଏହି କେଫରେ ଦିନକୁଦିନ ଗ୍ରାହକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଯେଉଁଠାକୁ ମାଲିକମାନେ ନିଜ ପୋଷାକୁକୁରକୁ ନେଇକରି ଯାଇପାରିବେ । ଏହି କେଫକୁ ବର୍ତ୍ତମାନ କେବଳ କୁକୁରଙ୍କ ପ୍ରବେଶ ପାଇଁ ଅନୁମତି ରହିଛି । ଆଗାମୀ ଦିନରେ ବିଲେଇଙ୍କୁ ପ୍ରବେଶର ଅନୁମତି ମିଳିବ । କଫି ଦୋକାନର ନାମ "ପପିଚିନୋ' ରଖାଯାଇଛି । ଜଣେ ବ୍ୟକ୍ତି ନିଜ ପାଇଁ ଚା, କଫି, ପିଜ୍ଜା ବରାଦ ଦେଇପାରିବା ସହ ପୋଷା କୁକୁର ପାଇଁ ମଧ୍ୟ ତା ମନ ପସନ୍ଦର ଖାଦ୍ୟ ମଗାଇପାରିବ । ଏହା ସହ କୁକୁରଙ୍କ ଖେଳିବା ନିମନ୍ତେ ଏକ ପଡ଼ିଆ ମଧ୍ୟ ରହିଛି । ଦିଲ୍ଲୀରେ ଅଧିକାଂଶ ଲୋକଙ୍କ କୁକୁର ପାଳିବାର ସଉକ ବଢୁଥିବାର ଦେଖାଯାଉଛି ।

୭ ଦଫା ଦାବିକୁ ନେଇ ଭାଜପା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବାରିପଦା,୦୩।୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଦସର ମହକୁମା ବାରିପଦାସ୍ଥିତ ବଜାର ଇଣ୍ଡିଆ ସମ୍ମିଳନୀ କକ୍ଷରେ ଭାଜପା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଭାଜପାର ମୟୂରଭଞ୍ଜ ପୂର୍ବ ସାଙ୍ଗଠନିକ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଦୁର୍ନୀତିଗ୍ରସ୍ତ ତଥା କାର୍ଯ୍ୟରୁ ନିଲମ୍ବିତ ହୋଇଥିବା ପୂର୍ବତନ ବେତନଟୀ ତହସିଲଦାର ଅନୀସା ଦାସଙ୍କୁ ଅବିଳମ୍ବେ ଗିରଫ ଓ ଚାକିରୀରୁ ବରଖାସ୍ତ କରାଯିବା ସହ ତାଙ୍କ କାର୍ଯ୍ୟକାଳ ଭିତରେ ହୋଇଥିବା ସମସ୍ତ ଦୁର୍ନୀତିର ତଦନ୍ତକୁ କ୍ରାଇବ୍ରାଂଚ ଦ୍ୱାରା କରାଯିବାର ଦାବି କରିଲେ । ସେହିପରି ଅଭିଯୁକ୍ତ ପ୍ରିୟବ୍ରତ ପଟ୍ଟନାୟକ ଓ ନକଲି ଉପଜିଲ୍ଲାପାଳ ଅମ୍ରିତା ସୁମନ ମନ୍ତ୍ରୀ କିଏ, ଏମାନଙ୍କ ସହିତ ପୂର୍ବତନ ବେତନଟୀ ତହସିଦାର ଅମୀସା ଦାସଙ୍କ ସମ୍ପର୍କ କଣ, ରାତି ୩ଟା ସମୟରେ ତହସିଲଦାର ଓ ମାଫିଆମାନଙ୍କ ସହିତ କରୁଥିଲେ କଣ ତାହାର ତଦନ୍ତ କରାଯିବା; ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି, ବେତନଟୀ, ରାସଗୋବିନ୍ଦପୁର, ମୋରଡ଼ା, ଶୁଳିଆପଦା, ବାରିପଦା, ଶାମାଖୁଂଟା ଓ କୁଳିଅଣା ଆଦି ତହସିଲଗୁଡ଼ିକରେ ବେଧଡ଼କ ଭାବେ ଚାଲିଆସୁଥିବା ଲଘୁ ଖଣିଜ ସମ୍ପଦର ଲୁଟ ଓ ଚୋରା ଚାଲାଣକୁ ଅବିଳମ୍ବେ ବନ୍ଦ କରାଯିବା ସହ ସ୍ଥାନୀୟ ତହସିଲଦାର ଓ ମାଫିଆମାନଙ୍କ ମଧ୍ୟରେ ଗଢ଼ି ଉଠିଥିବା ମଧୁଚନ୍ଦ୍ରିକା ବନ୍ଦ କରାଯିବା; ରାସଗୋବିନ୍ଦପୁର, ମୋରଡ଼ା ଓ ବେତନଟୀ ତହସିଲଗୁଡ଼ିକରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଟାସ୍କଫୋର୍ସ କମିଟି ପକ୍ଷରୁ ଜବତ କରାଯାଇଥିବା ବେଆଇନ ଭାବେ ଗଚ୍ଛିତ ମୋରମ ଓ ବାଲି କୁଆଡ଼େ ଗଲା ଏବଂ ଏ ବାବଦରେ କେତେ ଟଙ୍କାର ରାଜସ୍ୱ ଆଦାୟ କରାଯାଇଛି ଏହାର ମଧ୍ୟ କ୍ରାଇମବ୍ରାଂଚ ତଦନ୍ତ କରାଯିବା ସହ ସମ୍ପୃକ୍ତ ଅଧିକାରୀ ଓ ମାଫିଆଙ୍କ ବିରୋଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା; ମନରେଗା ଯୋଜନାରେ ମୟୂରଭଞ୍ଜ ଦୁର୍ନୀତିର ଗନ୍ତାଘର ପାଲଟିଯାଇଥିବାରୁ ଯୋଜନାରେ ହୋଇଥିବା କାର୍ଯ୍ୟର କ୍ରାଇବ୍ରାଂଚ ତଦନ୍ତ କରାଯିବା; ବେତନଟୀ ତହସିଲଦାର ଅମିସା ଦାସଙ୍କୁ ଗିରଫ କରାଗଲେ ମୟୂରଭଞ୍ଜ ଜିଲ୍ଲାପ୍ରଶାସନ, ମୋରମ ଓ ବାଲି ମାଫିଆ ସହ ମୋରଡ଼ା ବିଧାୟକଙ୍କ ମୁଖା ଖୋଲିଯିବାର ଭୟ ସମସ୍ତଙ୍କୁ ଘାରିଥିବା କାରଣରୁ ରାଜ୍ୟର ୫ଟି ସରକାର ଜାଣିଶୁଣି ଦୁର୍ନୀତିକୁ ଘଣ୍ଟ ଘଉଡ଼ାଇବାର ଉଦ୍ୟମ ଚଳାଇଛି । ଲଘୁ ଖଣିଜ ସମ୍ପଦର ଚୋରା ଚାଲାଣ ପଛରେ ଶାସକ ବିଜେଡ଼ି ଦଳର ମୋରଡ଼ା ବିଧାୟକଙ୍କ ସମ୍ପୃକ୍ତି ରହିଛି । ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି । ତେଣୁ ଭାଜପା ପକ୍ଷରୁ ଏହାକୁ ଦୃଢ଼ ଭାବେ ନିନ୍ଦା କରାଯିବା ସାଙ୍ଗକୁ ମୋରଡ଼ା ବିଧାୟକ ଶ୍ରୀଦାସଙ୍କୁ ତଦନ୍ତ ପରିସରଭୁକ୍ତ ଓ ଗିରଫ କରାଯିବା ନିମନ୍ତେ ବିଜେପି ପକ୍ଷରୁ ଦାବି କରାଯାଇଛି । ଏଥି ସହିତ ଆସନ୍ତା ଅଗଷ୍ଟ ୩ ମଧ୍ୟରେ ବେତନଟୀ ତହସିଲର ପୂର୍ବତନ ତହସିଲବାରଙ୍କୁ ଗିରଫ କରାନଗଲେ ଅଗଷ୍ଟ ୬ ଠାରୁ ଜିଲ୍ଲାର ବିଜେପିର ୬ ଜଣ ବଧାୟକ, ମୟୂରଭଞ୍ଜ ଲୋକସଭା ସାଂସଦ, ମୟୂରଭଞ୍ଜ ଜିଲ୍ଲାପରିଷଦ ସଭାପତି, ଉପସଭାପତି, ସଦସ୍ୟ, ସଦସ୍ୟାମାନେ କୋଭିଡ଼-୧୯ ମାର୍ଗଦର୍ଶୀକାକୁ ପାଳନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଭାଜପାର ମୟୂରଭଞ୍ଜ ପୂର୍ବ ସାଙ୍ଗଠନିକ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ଏହି ସମୟରେ ବିଜେପିର ପଶ୍ଚିମ ଜିଲ୍ଲା ସଙ୍ଗଠନ ସଭାପତି ତଥା ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି, ସାଂସଦ ଇଂ ବିଶ୍ୱେଶର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ପୂର୍ବତନ ଜିଲ୍ଲା ସଭାପତି ଡ଼ା କୃଷ୍ଣଚନ୍ଦ୍ର ମହାପାତ୍ର, ସାରସକଣା ବିଧାୟକ ଡ଼ା ବୁଢ଼ାନ ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢ଼େଇ, ଯଶୀପୁର ବିଧାୟକ ଗଣେଶ ରାମସିଂ ଖୁଂଟିଆ, ରାଜ୍ୟ ସମ୍ପାଦକ ନବୀନ ରାମ, ସଞ୍ଜୀବ ମହାନ୍ତି, ନିହାର ମୋଦି ପ୍ରମୁଖ ଉପସ୍ଥିତ ରହିଥିଲେ ।

କୋଭିଡ୍ ରୋଗୀଙ୍କ ସହ ମତବିନିମୟ ପାଇଁ ଆୟୋଜିତ ହେଉଛି ୱେବିନାର : ସିଏମସି କମିଶନର

ଭୁବନେଶ୍ୱର,୦୩।୮ (ନି.ପ୍ର): କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ୍‌ର ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, ନିମାହଂସ (ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁବିଜ୍ଞାନ ପ୍ରତିଷ୍ଠାନ) ଓ ୟୁଏନ୍‌ଡିପି (ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ)ର ମିଳିତ ଉଦ୍ୟମରେ ମହାନଗର ଅଂଚଳରେ ଥିବା ବିଭିନ୍ନ କୋଭିଡ୍ କେୟାର ସେଂଟର ଓ ଜିଲ୍ଲା କୋଭିଡ୍ ହସ୍‌ପିଟାଲ୍‌ରେ ରହୁଥିବା ପଜିଟିଭ୍ ରୋଗୀମାନଙ୍କ ସହିତ ମତବିନିମୟ ନିମନ୍ତେ ସପ୍ତାହକୁ ଦୁଇଥରଓ୍ୱେବିନାର ଆୟୋଜନ କରାଯାଉଛି । ଏପରି କଠିନ ସମୟରେ ସେମାନଙ୍କର ଉତମ ମାନସିକ ସ୍ୱାସ୍ଥ୍ୟ ସଂପର୍କିତ ବିଭିନ୍ନ ଆଶଙ୍କା, ଭ୍ରାନ୍ତ ଧାରଣା ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ତଥ୍ୟ ସଂଗ୍ରହ କରାଯାଉଛି ବୋଲି କହିଛନ୍ତି କଟକ ମହାନଗର ନିଗମ କମିଶନର ଅନନ୍ୟା ଦାସ । ସିଏମ୍‌ସିରେ କୋଭିଡ୍ ସ୍ଥିତି ସଂପର୍କରେ ବିଶ୍ଳେଷଣ କରି ସେ କହିଛନ୍ତି ଯେ ପୁରୁଣା ରାଉସାପାଟଣା ଓ ବେହେରା ସାହି (ମାଲଗୋଦାମ)କୁ କଣ୍ଟଟନ୍‌ମେଂଟ ଜୋନ୍ ଘୋଷଣା କରାଯାଇଛି । ଆଜି ସୁଦ୍ଧା ୧୮୮ଟି ନୂଆ ପଜିଟିଭ୍ କେସ୍ ଏହି କଂଟେନ୍‌ମେଂଟ ଜୋନ୍‌ରୁ ଚିହ୍ନଟ ହୋଇଛନ୍ତି । ଏହି ଅଂଚଳରେ ନମୁନା ସଂଗ୍ରହ, ସକ୍ରିୟ ସର୍ବେକ୍ଷଣ ଓ ଘରକୁ ଘର ବୁଲି ସ୍କ୍ରିନିଂ ପ୍ରକ୍ରିୟା ଜାରି ରହିଛି । ଓଡ଼ିଶା କ୍ଲିନିକାଲ ଏସ୍‌ଟାବ୍ଲିସ୍‌ମେଂଟ ଆଇନ ଅଧୀନରେ ପଞ୍ଜୀକୃତ ହୋଇଥିବା ଘରୋଇ ପରୀକ୍ଷାଗାରଗୁଡ଼ିକ ଆଇସିଏମ୍‌ଆର୍ ମାର୍ଗଦର୍ଶିକା ଅନୁଯାୟୀ ଆଂଟିଜେନ୍ ଟେଷ୍ଟିଂ କରିପାରିବେ । ଏନ୍‌ଏବିଏଲ୍ (ପରୀକ୍ଷଣ ପାଇଁ ଜାତୀୟ ପ୍ରମାଣନ ବୋର୍ଡ) ଦ୍ୱାରା ଅନୁବନ୍ଧିତ ପରୀକ୍ଷାଗାରଗୁଡ଼ିକ ଆଇସିଏମ୍‌ଆର୍ ମାର୍ଗଦର୍ଶିକା ଅନୁସାରେ ଆର୍‌ଟି-ପିସିଆର୍ ଟେଷ୍ଟିଂ କରିପାରିବେ ।

ମୟୂରଭଂଜ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଭିଡ-୧୯ ପ୍ରତିରୋଧ ପାଇଁ ମାର୍ଗଦର୍ଶିକା ଜାରି

- ସକାଳ ୭ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଅନୁମତି ପ୍ରାପ୍ତ ସମସ୍ତ ଦୋକାନ/ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ରହିବ
- ନାଇଟ୍ କର୍ଫ୍ୟୁ ସଂଧ୍ୟା ୭ ଘଟିକାରୁ ସକାଳ ୫ ଘଟିକା ପର୍ଯ୍ୟନ୍ତ ବଳବତ୍ତର
- ସପ୍ତାହର ପ୍ରତ୍ୟେକ ଶନିବାର ଓ ରବିବାର ଦୁଇ ଦିନ ସଟ୍ ଡାଉନ

ବାରିପଦା ,୦୩।୮ (ନି.ପ୍ର): ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶାନୁସାରେ କୋଭିଡ୍-୧୯ ସଂକ୍ରମଣକୁ ପ୍ରତିରୋଧ ଉଦ୍ଦେଶ୍ୟରେ ଲକ୍‌ଡାଉନ୍ କୁ ଚଳିତ ଅଗଷ୍ଟ ମାସ ୩୧ ମଧ୍ୟ ରାତ୍ରୀ ପର୍ଯ୍ୟନ୍ତ ସମଗ୍ର ଓଡିଶାରେ ବୃଦ୍ଧି କରାଯାଇଅଛି । ଏହାକୁ ଦୃଷ୍ଟିରେ ରଖି ମୟୂରଭ ଜିଲ୍ଲା ପ୍ରଶାସନ ପକ୍ଷରୁ ଲକ୍‌ଡାଉନ ସଂପର୍କୀତ ଜାରି କରାଯାଇଥିବା ମାର୍ଗଦର୍ଶିକା / ନିର୍ଦ୍ଦେଶାନାମା ଅନୁଯାଇ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଧ୍ୟାନ ଦେଇ ଜିଲ୍ଲାରେ କାର୍ଯ୍ୟକ୍ଷମ କରାଯାଇଥିବା ସମସ୍ତ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର (ଟିଏମ୍‌ସି), କ୍ୱାରେଣ୍ଟାଇନ କେନ୍ଦ୍ର, କୋଭିଡ୍ କେୟାର କେନ୍ଦ୍ର ଓ କୋଭିଡ୍ ହସ୍‌ପିଟାଲ ଆଦି ପରିସରକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷିତ କରାଯାଇଛି । ଉକ୍ତ ଅଂଚଳରେ ସ୍ୱାସ୍ଥ୍ୟ ବିଭାଗ ମାର୍ଗଦର୍ଶିକାନୁସାରେ କେବଳ ସ୍ୱାସ୍ଥ୍ୟସେବା ଭଳି ଅତ୍ୟାବଶ୍ୟକୀୟ ସେବା କାର୍ଯ୍ୟରେ ନିୟୋଜିତ ଅଧିକାରୀ / ଡାକ୍ତର / କର୍ମଚାରୀ ବ୍ୟତୀତ କୌଣସି ବାହାର ବ୍ୟକ୍ତିଙ୍କୁ (ଭିତରେ କିମ୍ବା ବାହାରେ) ନିଷେଧାଚଂଳ ଜାରି ଥିବା ସୀମା ମଧ୍ୟକୁ ପ୍ରବେଶ / ଚଳପ୍ରଚଳ ଉପରେ କଡାକଡି କଟକଣା ଲାଗୁ କରାଯାଇଛି । ଜିଲ୍ଲାରେ ସମସ୍ତ ସାମାଜିକ, ରାଜନୈତିକ, କ୍ରୀଡା, ମନୋରନ, ଏକାଡେମିକ, ସାଂସ୍କୃତିକ, ଧାର୍ମିକ ପୂଜାପୀଠସ୍ଥଳୀରେ ଧର୍ମୀୟ ସମାବେଶ / ଉତ୍ସବ ଆଦି କାର୍ଯ୍ୟକ୍ରମକୁ ନିଷେଧ କରାଯାଇଅଛି । ସମସ୍ତ ସିନେମା ହଲ, ସପିଙ୍ଗମଲ, ସୁଇମିଙ୍ଗ୍‌ପୋଲ୍, ଅବସର ବିନୋଦନ ପାର୍କ, ଥିଏଟର, ବାର, ଓଡିଟୋରିଅମ ଆଦି ଜନସାମଗମ ଭଳି ସ୍ଥାନ ସର୍ବସାଧାରଣଙ୍କ ପାଇଁ ଜୁଲାଇ ୩୧ ପର୍ଯ୍ୟନ୍ତ ବନ୍ଦ ରହିବ । ଜିମ୍ନାସିୟମ ଗୁଡିକ ଅଗଷ୍ଟ ୫ ତାରିଖରୁ ମାର୍ଗଦର୍ଶିକା ଅନୁଯାୟୀ ଖୋଲାଯାଇ ପାରିବ । ସେହିପରି ଜିଲ୍ଲାର ସମସ୍ତ ସ୍କୁଲ, କଲେଜ, ଶିକ୍ଷା ଅନୁଷ୍ଠାନ,ତାଲିମ,କୋଚିଂ ପ୍ରତିଷ୍ଠାନ ଆଦି ଅଗଷ୍ଟ ୩୧ ପର୍ଯ୍ୟନ୍ତ ବନ୍ଦ ରହିବ । ତେବେ ପରୀକ୍ଷା ପରିଚଳାନ ଓ ମୁଲ୍ୟାଙ୍କନ କାର୍ଯ୍ୟ ପାଇଁ ଅନୁମତି ରହିବ । ହୋଟେଲ, ଆତିଥ୍ୟ ସେବା ଓ ରେଷ୍ଟୁରାଣ୍ଟ, ଜାତୀୟ / ରାଜ୍ୟ ରାଜପଥ ଓ ଅନ୍ୟାନ୍ୟ ପ୍ରମୁଖ ରାସ୍ତା କଡରେ ଥିବା ଢାବା ମାନଙ୍କରେ ସୀମିତ କର୍ମଚାରୀ କ୍ଷମତା ମଧ୍ୟରେ ହୋମ ଡେଲିଭରି ଖାଦ୍ୟ ପ୍ୟାକେଟ୍ ସାମଗ୍ରୀ ଯୋଗାଣ ପାଇଁ ଅନୁମତି ପ୍ରାପ୍ତ ବ୍ୟବସାୟୀ / ବ୍ୟକ୍ତିମାନଙ୍କୁ କଟଣାରୁ ବାଦ୍ ଦିଆଯାଇଛି । ସେହିପରି ସମସ୍ତ ଅନୁମତି ପ୍ରାପ୍ତ ଦୋକାନ, ବଜାର ଓ ବାଣିଜ୍ୟକ / ବ୍ୟବସାୟିକ ପ୍ରତିଷ୍ଠାନ ସକାଳ ୭ ଘଟିକାରୁ ସଂନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ । ସମସ୍ତ ପ୍ରକାର ଔଷଧ ଦୋକାନ ଗୁଡିକ ପାଇଁ ସମୟ ସୀମା କଟକଣା ଲାଗୁ ହେବ ନାହିଁ । ଉକ୍ତ ସମସ୍ତ ଦୋକାନ, ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ସାମାଜିକ ଦୂରତା ୬ ଫୁଟ ବ୍ୟବଧାନ ବଜାଇ ରଖିବା ସହିତ ୭ ଜଣରୁ ଅଧିକ ଗ୍ରାହକ ଦୋକାନ ଭିତରେ ଓ ବାହାରେ ସ୍ଥାନରେ ଏକତ୍ରିତ ହେବେ ନାହିଁ । ସମସ୍ତେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ଅଟେ । ୬୫ ବର୍ଷରୁ ଉର୍ଦ୍ଧ ବୟସ୍କ ବ୍ୟକ୍ତି, ଅସୁସ୍ଥ ବ୍ୟକ୍ତି, ଗର୍ଭବତୀ ମହିଳା ଏବଂ ୧୦ ବର୍ଷରୁ କମ୍ ଶିଶୁ ପିଲାଙ୍କ କ୍ଷେତ୍ରରେ ସ୍ୱାସ୍ଥ୍ୟ ସମସ୍ୟା ଭଳି ଅତ୍ୟନ୍ତ ଜରୁରୀ ଆବଶ୍ୟକତା ନଥିଲେ କଦାପି ଘରୁ ବାହାରକୁ ନବାହିବାକୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ କଟକଣା ଲାଗୁ କରାଯାଇଛି । ଏଥି ସହିତ କୋଭିଡ୍-୧୯ ପରିଚାଳନା ଓ ସଂକ୍ରମଣର ପ୍ରତିରୋଧ ପାଇଁ ପାଇଁ ରାଷ୍ଟ୍ରୀୟ ନିର୍ଦ୍ଦେଶାବଳୀ ଆଧାରିତ ମାର୍ଗଦର୍ଶିକାନୁସାରେ ସମସ୍ତେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ଅଟେ । ସମସ୍ତ ସର୍ବସାଧାରଣ ସ୍ଥାନ / ପରିବହନ ଓ କାର୍ଯ୍ୟ କ୍ଷେତ୍ରରେ ସାମାଜିକ ଦୂରତା ବଜାୟ ରଖିବା ନିୟମ ଅନୁପାଳନ ସହ ସର୍ବସାଧାରଣ ସ୍ଥାନ / କାର୍ଯ୍ୟସ୍ଥଳରେ କେହିଁ ଛେପ ପକାଇ ପାରିବେ ନାହିଁ ଏବଂ ସର୍ବସାଧାରଣ ସ୍ଥାନରେ ପ୍ରତ୍ୟେକ ବ୍ୟକ୍ତି ୬ ଫୁଟ୍ ବ୍ୟବଧାନ ବଜାଇ ରଖିବେ । ଏହା ଅମାନ୍ୟ କଲେ ନିୟମାନୁସାରେ ଦଣ୍ଡିତ ହେବେ । ବିବାହ, ଉତ୍ସବ, ଅନ୍ତେଷ୍ଟି କ୍ରିୟା / ଶେଷକୃତ୍ୟ ଆଦି ସମାଜିକ କାର୍ଯ୍ୟକ୍ରମ ଯଥା ବିବାହ ପାଇଁ ୫୦ ରୁ କମ୍ ଏବଂ ଅନ୍ତେଷ୍ଟି / ଶେଷକୃତ୍ୟ କାର୍ଯ୍ୟ ପାଇଁ ୨୦ ଜଣରୁ କମ୍ ଲୋକଙ୍କ ମଧ୍ୟରେ ଅନୁମତି ପୂର୍ବକ ସମସ୍ତେ ସାମାଜିକ ଦୂରତା ବଜାୟ ରଖିବେ । ସର୍ବସାଧାରଣ ସ୍ଥାନ ମାନଙ୍କରେ ମଦ, ପାନ, ଗୁଟକା, ଟାବାକୋ(ତମ୍ବାକୁ) ଆଦି, ବ୍ୟବହାର ଉପରେ କଟକଣା ଲାଗୁ ରହିଛି । ଅନୁମତିପ୍ରାପ୍ତ ବସ୍, ସିଟି ବସ୍, ଟ୍ୟାକ୍ସି, ଅଟୋ ରିକ୍ସା ଏବଂ ଅନ୍ୟାନ୍ୟ ଯାତ୍ରୀବାହୀ ଯାନ ଚଳାଚଳ ନିୟମ ଅନୁଯାଇ ରାଜ୍ୟରେ ଚଳାଚଳ କରି ପାରିବ । ସାଲୁନ୍, ସ୍ପା, ବିୟୁଟି ପାଲର୍, ସେଲୁନ୍ ସତର୍କତା ଅବଲମ୍ବନ ପୂର୍ବକ ଗ୍ରାହକ ମାନଙ୍କ ପାଇଁ ସାନିଟାଇଜେସନ ବ୍ୟବସ୍ଥା ମଧ୍ୟରେ ପରିଚାଳାନା କରିବେ । ନାଇଟ୍ କର୍ଫ୍ୟୁ ସଂଧ୍ୟା ୭ ଘଟିକାରୁ ସକାଳ ୫ ଘଟିକା ପର୍ଯ୍ୟନ୍ତ ଅତ୍ୟନ୍ତ ଜରୁରୀ କାର୍ଯ୍ୟ ବ୍ୟତିତ ସମସ୍ତ ଦୋକାନ, ବ୍ୟବସାୟିକା ପ୍ରତିଷ୍ଠାନ / ଅନୁଷ୍ଠାନ ଏବଂ ଜନସାଧାରଣଙ୍କ ଚଳ ପ୍ରଚଳ ଉପରେ କଟକଣା ଲାଗୁ କରାଯାଇଥିବା ବେଳେ ଜିଲ୍ଲା ପ୍ରଶାସନ / ପୌରପ୍ରଶାସନ / ପୋଲିସ / ସରକାରୀ କାର୍ଯ୍ୟାଳୟରେ ଜରୁରୀ କାର୍ଯ୍ୟରତ ପଦାଧିକାରୀ, କର୍ମଚାରୀ, ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ (ସରକାରୀ / ଘରୋଇ) ମେଡିକାଲ କେମିଷ୍ଟି ଡ୍ରଗିଷ୍ଟ ଦୋକାନର ଆଦି ଜରୁରୀ ସେବା କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତି, ମାଲିକ, କର୍ମଚାରୀ, ଶିଳ୍ପ ୟୁନିଟି, ନିର୍ମାଣ କାର୍ଯ୍ୟ, ହୋଟେଲ, ହସ୍ପିଟାଲିଟି, ୟୁନିଟି, ଜାତୀୟ / ରାଜ୍ୟ ରାଜପଥ ଓ ଅନ୍ୟାନ୍ୟ ମୁଖ୍ୟ ସଡକପଥ କଡରେ ଥିବା ଢାବା, ପେଟ୍ରୋଲ ପମ୍ପ ଓ ସି.ଏନ୍.ଜି ଷ୍ଟେସନ ଆଦି କ୍ଷେତ୍ର / କାର୍ଯ୍ୟକ୍ରମରେ ନିୟୋଜିତ ପ୍ରାଧିକୃତ କର୍ମଚାରୀ ମାନଙ୍କୁ କଟକଣାରୁ ବାଦ୍‌ଦିଆଯାଇଅଛି । ସେହିପରି ଜୁଲାଇ ମାସ ପ୍ରତି ସପ୍ତାହର ଶନିବାର ଓ ରବିବାର ଦୁଇ ଦିନ ସଡ୍‌ଡାଉନ୍ କଟକଣା ଲାଗୁ କରାଯାଇଛି । ସଡ୍‌ଡାଉନ ସମୟରେ କେବଳ ମେଡିକାଲ ପ୍ରତିଷ୍ଠାନ ଓ ହସପିଟାଲ୍, କ୍ଲିନିକ୍, ନର୍ସିହୋମ, ମେଡିସିନ ଷ୍ଟୋର, ଆମ୍ବୁଲାନ୍ସ ସେବା, ଜିଲ୍ଲା ଓ ମୁନିସିପାଲିଟି ପ୍ରଶାସନ, ପୋଲିସ, ଅଗ୍ନିଶମ ସେବା, କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟରେ ଜରୁରୀ କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀ / କର୍ମଚାରୀ, ଟେଲିକମ୍ ସେବା, ପେଟ୍ରୋଲ ପମ୍ପ, ଜଳ ଯୋଗାଣ, ପରିମଳ ଓ ସ୍ୱେରେଜ୍ କାର୍ଯ୍ୟ, ବିଦ୍ୟୁତ୍ ଶକ୍ତି ଯୋଗାଣ ଓ ବିତରଣ, ଅତ୍ୟାବଶକୀୟ ଜିନିଷ ଯୋଗାଣ ପରିବହନ, ଶିଳ୍ପ ପ୍ରତିଷ୍ଠାନ, କଳ କାରଖାନା, କୃଷି ଓ ଉଦ୍ୟାନ କୃଷି,ଧାନମଣ୍ଡି କେନ୍ଦ୍ର, ମତ୍ସ୍ୟ, ପ୍ରାଣୀ ସମ୍ପଦ ଏବଂ ସେବା କ୍ଷେତ୍ର ଶିଳ୍ପ, ଆଇଟି / ଆଇଟି ଇ ସେବା, ହୋଟେଲ୍, ହସ୍‌ପିଟାଲିଟି ୟୁନିଟି ଓ ତତ୍‌ସଂଲଗ୍ନ କାର୍ଯ୍ୟାଳୟରେ ନିୟୋଜିତ କର୍ମଚାରୀ, ଜାତୀୟ / ରାଜ୍ୟ ସଡକ ପରିବହନ ପାଇଁ ଟ୍ରାଜିଟ୍ ଯାନବାହାନ ଚଳାଚଳ, ସର୍ବସାଧାରଣ ଯାତ୍ରୀବାହୀ ବସ୍, ରେଳ ପରିବହନ, ଘରୋଇ ବସ୍, ଟ୍ୟାକ୍ସି, ଅଟୋରିକ୍ସା ଆଦି ଯାନବାହାନ ଯାତ୍ରୀ ନେବା ଆଣିବା ସେବା, ରେଳ ଷ୍ଟେସନ ଓ ବସ୍ ଟରମିନାଲ୍ ସେବା କ୍ଷେତ୍ରରେ ନିୟୋଜିତ ଅଧିକାରୀ / କର୍ମଚାରୀ, ଗ୍ରୋସରୀ ସାମଗ୍ରୀ ଓ ପନିପରିବା, , କ୍ଷୀର ଦୋକନା (ମିଲ୍କ ବୁଥ୍) ଆଦି ଅତ୍ୟାବଶକୀୟ ଜିନିଷ, ଘରୋଇ ରେଷ୍ଟୁରାଣ୍ଟ, ଜାତୀୟ / ରାଜ୍ୟ ରାଜପଥ ଓ ଅନ୍ୟାନ୍ୟ ସଡକ ପଥ କଡରେ ଥିବା ଢାବା ଏବଂ ଖବର କାଗଜ ବିତରଣ (ହକର୍ସ) ଆଦି କ୍ଷେତ୍ରରେ ହୋମ ଡେଲିଭରୀ ସେବା କାର୍ଯ୍ୟ କ୍ଷେତ୍ର ଗୁଡିକୁ ବାଦ ଦିଆଯାଇଛି । ସେହିପରି ଜିଲ୍ଲାର ସମସ୍ତ ସାପ୍ତାହିକ ହାଟ କୁ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯିବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ସର୍ବୋପରି ମୟୂରଭ ଜିଲ୍ଲାରେ କୋଭିଟ୍-୧୯ ପରିଚାଳନା ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଦୃଷ୍ଟିରେ ରଖି ନାଇଟ୍‌କର୍ଫ୍ୟୁ ସନ୍ଧ୍ୟା ୭ ଘଟିକାରୁ ସକାଳ ୫ ଘଟିକା ପର୍ଯ୍ୟନ୍ତ କେବଳ ଅତ୍ୟନ୍ତ ଜରୁରୀ କାର୍ଯ୍ୟ ବ୍ୟତିତ କୌଣସି ବ୍ୟକ୍ତି ବାହାରେ ଚଳ ପ୍ରଚଳ କରିପାରିବେ ନାହିଁ । ଏଥିରେ ଅମାନ୍ୟ କଲେ ନିୟମାନୁଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହାର ତ୍ୱରିତ କାର୍ଯ୍ୟକାରିତା ପାଇଁ ଆରକ୍ଷୀ ଅଧିକ୍ଷକ ମୟୂରଭ / ପିଡି ଡିଆର୍‌ଡିଏ, ମୟୂରଭ / ଜିଲ୍ଲାର ସମସ୍ତ ଉପ-ଜିଲ୍ଲାପାଳ / ବି.ଡି.ଓ / ତହସିଲଦାର / ନିର୍ବାହୀ ଅଧିକାରୀ / ପୌରପରିଷଦ / ବିଜ୍ଞାପିତ ପରିଷଦ ମୟୂରଭଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି ନିର୍ଦ୍ଦେଶନାମାରେ ଅବଗତ କରାଯାଇଛି ।

ଆପ୍ରୋଚ ରୋଡ ପାଇଁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ବ୍ରିଜ ଅଚଳ

ନୂଆପଡା,୦୩।୮ (ନି.ପ୍ର): ଗ୍ରାମାଂଚଳର ଲୋକଙ୍କ ଗମନାଗମନ ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ କୋଟିକୋଟି ଟଙ

ପୂର୍ବୋତରରେ ୮ଟି ରାଜ୍ୟରେ ମୋଟ ୫୬,୬୧୯ କରୋନା ରୋଗୀ

ଗତ ୨୪ ଘଂଟାରେ ୧୪୬୪ ନୂଆ କରୋନା ରୋଗୀ ଚିହ୍ନଟ

ଗୌହାଟୀ,୩।୮ (ନି.ପ୍ର): ପୂର୍ବୋତରରେ ସିକିମ ସହିତ ଆଠଟି ରାଜ୍ୟରେ କରୋନା ସଂକ୍ରମତଙ୍କ ସଂଖ୍ୟା ନୂଆ ରେକର୍ଡ଼ ସୃଷ୍ଟି କରିଛି । ପୂର୍ବୋତର ରାଜ୍ୟରେ ଏହି ମହାମାରୀର ଭୟାବହତା ଏଇଥିରୁ ଜଣାପଡୁଛି । ସୁସ୍ଥ ହେଉଥିବା ରୋଗୀଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି । ଦ୍ରୁତ ଗତିରେ ନୂଆ କରୋନା ରୋଗୀ ମିଳୁଥିବା ଚିନ୍ତାର କାରଣ ହୋଇଛି । ପୂର୍ବୋତରରେ ସବୁଠାରୁ ଅଧିକ ମାମଲା ଆସାମରୁ ଆସିଅଛି, ତ୍ରିପୁରା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମଣିପୁର ତୃତୀୟ ସ୍ଥାନରେ ରହିଛି । ପୂର୍ବୋତରରେ ଗତ ୨୪ ଘଂଟା ମଧ୍ୟରେ ୧୪୬୪ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ସେହିପରି ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୬,୬୧୯ ରେ ପହଂଚିଛି । ଏଥିମଧ୍ୟରୁ ୪୦,୦୪୦ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ମୋଟ ୧୦୫୨ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ଏବଂ ୧୬,୪୦୫ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ୧୪୮ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୪ ଜଣ ରୋଗୀ ପୂର୍ବୋତର ବାହାରକୁ ଚାଲିଯାଇଛନ୍ତି ।

ଆସାମରେ ୧୧୭୮ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟର ମୋଟ କରୋନା ରୋଗୀଙ୍କ ସଂଖ୍ୟା ୪୨,୯୦୫ ହୋଇଛି । ଏଥିରୁ ୩୨,୩୮୫ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୯୪୨ ରୋଗୀ ସୁସ୍ଥ ହୋଇଛନ୍ତି । ୧୦,୪୧୨ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ୧୦୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ରୋଗୀ ରାଜ୍ୟ ବାହାରକୁ ଚାଲିଯାଇଛନ୍ତି । ତ୍ରିପୁରାରେ ଗତ ୨୪ ଘଂଟାରେ ଜଣେ ବି ନୂଆ ରୋଗୀ ଚିହ୍ନଟ ହୋଇନାହାଁନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୪୯୯୬ ରେ ପହଂଚିଛି । ୩୩୨୭ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । । ୧୬୩୦ ରୋଗୀଙ୍କ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୨୩ ଜଣଙ୍କର ମୃତ୍ୟୁ ଘଟିଛି । ମଣିପୁରରେ ୭୫ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଏଥି ସହିତ ରାଜ୍ୟର ମୋଟ ରୋଗୀଙ୍କ ସଂଖ୍ୟା ୨୮୩୧ ରେ ପହଂଚିଛି । ୧୭୩୭ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୩୮ କରୋନା ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୧୦୮୭ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଏବେ ସୁଦ୍ଧା ୭ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି । ନାଗାଲାଣ୍ଡରେ ୧୦୪ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୧୯୩୫ ହୋଇଛି । ରାଜ୍ୟରେ ୬୪୮ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୮ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୧୨୮୯ ଜଣ ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି । ୪ ଜଣ ରୋଗୀଙ୍କର ମୃତ୍ୟୁ ହୋଇଛି।

ଅରୁଣାଚଳ ପ୍ରଦେଶରେ ୨୪ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୧୬୯୮ ହୋଇଛି । ୯୯୬ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୨୭ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୬୯୯ ଜଣ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୩ ଜଣଙ୍କର ମୃତ୍ୟୁ ହୋଇଛି । ମେଘାଳୟରେ ୧୮ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟର ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୭୪ ରେ ପହଂଚିଛି । ୨୬୪ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୨ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୬୦୫ ଜଣଙ୍କର ଏବେ ସୁଦ୍ଧା ଚିକିତ୍ସା ଚାଲିଛି ଏବଂ ୫ ଜଣଙ୍କର ମୃତ୍ୟୁ ଘଟିଛି । ମିଜୋରମରେ ୫୭ ନୂଆ ମାମଲା ସାମନାକୁ ଆସିଛି । ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୪୭୦ ରେ ପହଂଚିଛି । ୨୫୮ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୫ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୨୧୧ ଜଣ ରୋଗୀଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଜଣେ ରୋଗୀ ରାଜ୍ୟ ବାହାରକୁ ଚାଲି ଯାଇଛି । ସିକ୍କିମରେ ୮ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬୫୮ରେ ପହଂଚିଛି । ୨୮୯ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୨୦ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ୩୬୮ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଜଣକର ମୃତ୍ୟୁ ହୋଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ରାଜ୍ୟରେ ଆଉ...

ରୋଗରେ ପୀଡିତ ଥିଲେ । ରାୟଗଡା ଜିଲ୍ଲାର ଅନ୍ୟ ଜଣେ ୬୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି ଗଂଜାମ ଜିଲ୍ଲାର ଜଣେ ୫୪ ବର୍ଷ ବୟସ୍କା କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ବରଣ କରିଛନ୍ତି । ଗଜପତି ଜିଲ୍ଲାର ଜଣେ ୪୮ ବର୍ଷ ବୟସ୍କ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ହେପାଟାଇଟିସ ବି ଓ ଡାଇବେଟିସ ରୋଗରେ ପୀଡିତ ଥିଲେ । ଖୋର୍ଧା ଜିଲ୍ଲାର ଜଣେ ୬୩ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ହାଇପର ଟେନସନ ଓ ଅନ୍ୟ ରୋଗରେ ପୀଡିତ ଥିଲେ ।

ହୀରାକୁଦ ଜଳଭଣ୍ଡାରରେ ...

ଏହି ପଞ୍ଚୁରୀ ଗୁଡ଼ିକରେ ଭାକୁର, ରୋହି, ମିରିକାଳି, ଅମୁର କାର୍ପ, ଜଳଙ୍ଗ, ଏକଲିଙ୍ଗ ବିଶିଷ୍ଟ ଗିଫ୍‌ଟ୍ ଟିଲାପିଆ, ଭେକ୍‌ଟି, ଖୁରାଂଟ ଓ ବଟର୍ କ୍ୟାଟ୍ ଫିସ୍ (କଂଟିଆ) ଇତ୍ୟାଦି ପ୍ରଜାତିର ମାଛ ଚାଷ ନିମନ୍ତେ ଅନୁମତି ପ୍ରଦାନ କରାଯିବ । ପଞ୍ଚୁରୀ ଭିତରେ ମାଛ ଚାଷ ପାଇଁ ପ୍ରସ୍ତୁତ ନୀତି ଓ ନିୟମ ସମୁହରେ ଜଳର ଗୁଣବତା ରକ୍ଷା, ପଞ୍ଚୁରୀ ପରିଚାଳନା ଓ ମାଛ ମାନଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ସ୍ୱତନ୍ତ୍ର ସର୍ତ ରଖାଯାଇଛି । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ମତ୍ସ୍ୟ ନିର୍ଦ୍ଦେଶାଳୟ ମାଧ୍ୟମରେ ଆଗ୍ରହୀ ମତ୍ସ୍ୟଚାଷୀ, ଉଦ୍ୟୋଗୀ ମାନଙ୍କ ଠାରୁ ଦୀର୍ଘମିଆଦି ଲିଜ୍ ନିମନ୍ତେ (ପ୍ରଥମେ ପାଂଚ ବର୍ଷ ଓ ପରେ ଅଧିକ ପାଂଚବର୍ଷ ବୃଦ୍ଧି ସହିତ) "ଗ୍ରହଣଯୋଗ୍ୟ ଅଭିବ୍ୟକ୍ତି ପ୍ରକାଶ" ଆବେଦନ କରାଯାଇଛି ।

ଓଡ଼ିଶାରେ ୬.୮୪ ଲକ୍ଷ ହେକ୍ଟର ପରିମିତ ବିସ୍ତୃତ ମଧୁର ଜଳ ଉତ୍ସ ରହିଛି । ୨୦୧୯-୨୦ ଆର୍ଥିକ ବର୍ଷରେ ରାଜ୍ୟରେ ପ୍ରାୟ ୮.୧୬ ଲକ୍ଷ ମେଟ୍ରିକ୍ ଟନ୍ ମାଛ ଉତ୍ପାଦିତ ହୋଇଛି । ଓଡ଼ିଶାରେ ଭାରତୀୟ କାର୍ପ ମାଛ ଓ ଅନ୍ୟ ପ୍ରଜାତି ମାଛର ଚାହିଦା ଓ ଉପଯୋଗ ନିରନ୍ତର ବୃଦ୍ଧି ପାଉଛି ।

ରାଜ୍ୟ ସରକାର, ରାଜ୍ୟରେ ସ୍ଥିତ ବୃହତ ଓ ମଧ୍ୟମ ଜଳଭଣ୍ଡାର ଗୁଡ଼ିକରେ ମଧୁର ଜଳ ମାଛ ଉତ୍ପାଦନ ବୃଦ୍ଧି ନିମନ୍ତେ ଏକ ନୀତି ପ୍ରଚଳନ ପୂର୍ବକ ପଞ୍ଚୁରୀ ଭିତରେ ମାଛ ଚାଷ ପାଇଁ ପ୍ରୋତ୍ସାହନ ଦେଉଛନ୍ତି । ବୃହତ ଓ ମଧ୍ୟମ ଜଳଭଣ୍ଡାରର ଜଳଉତ୍ସର ଏକ କ୍ଷୁଦ୍ର ଅଂଚଳକୁ (୧%) ଏଥି ନିମନ୍ତେ ବିନିଯୋଗ କଲେ, ଏହା ରାଜ୍ୟର ମଧୁରଜଳ ମାଛ ଉତ୍ପାଦନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ।

ଗଞ୍ଜାମ କରୋନା...

ଅନୁସାରେ ଶବ ସତ୍କାର ହେଉନି । ଗଞ୍ଜାମ କୁ ୨ ଲକ୍ଷ ୨୦ ହଜାର ପ୍ରବାସୀ ଫେରିଛନ୍ତି । ସେମାନଙ୍କୁ କାମ ଦେବେ ବୋଲି ସରକାର କହିଥିଲେ । ମନରେଗା ଯୋଜନାରେ କାମ କରିବାକୁ ଯୋଜନା ନିଆଯାଉଥିବା ଘୋଷଣା ହୋଇଛି । କିନ୍ତୁ କାମ ନମିଳିବାରୁ ପ୍ରବାସୀ ପୁଣି ଫେରିବା ଆରମ୍ଭ କଲେଣି । ଉପରୋକ୍ତ ତଥ୍ୟ ର ଅନୁଶୀଳନ କରି ସରକାର ଆନ୍ତରିକତା ର ସହିତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରି ଓ ଲୋକଙ୍କ ଜୀବନ ଓ ଜୀବିକା ବଂଚେଇବା ପାଇଁ ଉଦ୍ୟମ କରିବା ଦରକାର ବୋଲି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

ପ୍ରଶାସନିକ ...

କୀର୍ତି ଭାସନ୍ ଭି. ଙ୍କୁ ତାଲିମ୍ ପରେ ଗଞ୍ଜାମ କୋଭିଡ୍ ପରିଚାଳନା ଓଏସଡି ଭାବେ ନିଯୁକ୍ତ ଦିଆଯାଇଛି । ଜେ. ସୋନାଲଙ୍କୁ ଗଜପତି କୋଭିଡ୍ ପରିଚାଳନା ଓଏସଡି ଭାବେ ନିଯୁକ୍ତ କରାଯାଇଛି । ଶୁଭଙ୍କର ମହାପାତ୍ରଙ୍କୁ କନ୍ଧମାଳ ଜିଲ୍ଲାର ବାଲିଗୁଡ଼ାର ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । ସୂର୍ଯ୍ୟାଂଶୀ ମୟୂର ବିକାଶ ଏବେ ସମ୍ବଲପୁର ନୂତନ ଉପଜିଲ୍ଲାପାଳ ହୋଇଛନ୍ତି ।

ଗୋଟିଏ ଦିନରେ...

ଜିଲ୍ଲାରେ ୬ ତଥା ସୁନ୍ଦରଗଡ ଜିଲ୍ଲାରେ ୪୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୫,୫୬,୫୮୮ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି । ବର୍ତମାନ ସୁଦ୍ଧା ସମୁଦାୟ ୩୬,୨୯୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ୨୧,୯୫୫ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ୨୦୭ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଥିବା ବେଳେ ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୧୪,୦୯୪ ରହିଛି । ୧୪,୦୯୪ ଜଣ ହସ୍‌ପିଟାଲ୍ ଆଇସୋଲେସନ୍ ରେ ରହିଛନ୍ତି ।

ସବ୍‌ଜେଲ୍ ଓ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ

ଜଳେଶ୍ୱର,୩।୮ (ନି.ପ୍ର): ସବୁବର୍ଷପରି ଚଳିତବର୍ଷ ମଧ୍ୟ ବାଲେଶ୍ୱର ଜିଲାର ଜଳେଶ୍ୱର ସବ୍‌ଜେଲ ର ଅନ୍ତେବାସୀ ଓ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ କୁନି ପିଲାମାନଙ୍କୁ ରକ୍ଷାବନ୍ଧନ ଉତ୍ସବ ସାମାଜିକ ଦୂରତା ରକ୍ଷାକରାଯାଇ ପାଳନ କରାଯାଇଛି । କରୋନା ସଂକ୍ରମଣକୁ ଲକ୍ଷ କରି ଆଜି ଜଳେଶ୍ୱରର କମଳ ଚକ୍ରବର୍ତ୍ତୀ, ମନୋରଂଜନ ଦାସ, ଚନ୍ଦ୍ରମୋହନ ରାଉଳ, ନିତାଇଲାଲ ଦେ, ଜଗଦୀଶ ବେହେରା, ଆଶିଷ ଗିରି, ସୁଶାନ୍ତ ପ୍ରଧାନ, ସଂଜୟ ଘୋଷ, ଓମ୍ ପ୍ରକାଶ ଘୋଷ, ଇଂ ରାମଚନ୍ଦ୍ର ସାହୁ, ରାଧାରଣୀ ପାତ୍ର ଓ ତୃପ୍ତିରାଣୀ ମହାନ୍ତି ପ୍ରମୁଖ ଜଳେଶ୍ୱର ସବ୍‌ଜେଲ ଓ ଭିନ୍ନକ୍ଷମ ବିଦ୍ୟାଳୟକୁ ଯାଇ ପ୍ରତ୍ୟେକ ଅନ୍ତେବାସୀଙ୍କୁ ମିଠା ଓ ରାକ୍ଷୀ ଦେଇ ଶୁଭ ମନାସୀ ଥିଲେ ।

ଅନେକ ଯାଗାରେ ଚେକ୍‌ପୋଷ୍ଟ ନାମକୁ ମାତ୍ର,ନିଜନିଜ ସୁବିଧାରେ ଯାତାୟାତ କରୁଛନ୍ତି

କନ୍ଧମାଳ,୩।୮ (ନି.ପ୍ର): ମହାମାରୀ କରୋନା ସଂକ୍ରମଣକୁ ରୋକିବା ପାଇଁ ଯଥାସାଧ୍ୟ ଉଦ୍ୟମ କରୁଛି ପ୍ରଶାସନ । ଜିଲ୍ଲା ବାହାରର ଲୋକଙ୍କ ପାଇଁ ଜିଲ୍ଲାରେ କରୋନା ଗ୍ରାଫ ବଢିଚାଲିଛି । ଜିଲ୍ଲାରେ ଏବେ କରୋନା ପଜିଟିଭଙ୍କ ସଂଖ୍ୟା ୬୧୬ ରେ ପଂହଚିଲାଣି । ବିଶେଷକରି ସୀମାନ୍ତବର୍ତୀ ଗଂଜାମ ଓ ଭୁବନେଶ୍ୱର ଯିବା ଆସିବା କରୁଥିବାରୁ ଏହା ପ୍ରଶାସନ ପାଇଁ ମୁଣ୍ଡବ୍ୟଥା ପାଲଟିଥିଲା । ଫଳରେ ପ୍ରଶାସନ ପକ୍ଷରୁ ଗତ ମାସେ ହେଲାଣି କନ୍ଧମାଳ ଜିଲ୍ଲାର ସୀମାକୁ ସିଲ କରାଯାଇଛି । କୌଣସି ବ୍ୟକ୍ତି ଯେପରି ଜିଲ୍ଲା ଭିତରୁ ବାହାରକୁ ଯାଇପାରିବେନି କି ବାହାରୁ ଜିଲ୍ଲା ଭିତରକୁ ଆସିପାରିବେନି ସେନେଇ କଡାକଡି ନିର୍ଦ୍ଦେଶ ଦେଇଛି ପ୍ରଶାସନ । ପୋଲିସ ଓ ଶିକ୍ଷକ ମାନଙ୍କୁ ଚେକ୍‌ପୋଷ୍ଟରେ ୨୪ ଘଂଟିଆ ସିଫ୍ଟ ଡ୍ୟୁଟି ଦିଆଯାଇଛି । ସେମାନଙ୍କୁ ପୁରାପୁରି ଆଲର୍ଟ ରହିବା ସହ କୌଣସି ପରିସ୍ଥିତିରେ କାହାରିକୁ ମଧ୍ୟ ଜିଲ୍ଲା ଭିତରକୁ ବିନା ପାସରେ ପୁରାଇବେନି କି ଜିଲ୍ଲା ଭିତରୁ ବାହାରକୁ ଛାଡିବେନି । ହେଲେ ଶିକ୍ଷକ ମାନେ ବିଶେଷକରି ଶିକ୍ଷା ବିଭାଗର କର୍ମଚାରୀ, ଶିକ୍ଷକ ଶିକ୍ଷୟତ୍ରୀ ବନ୍ଧୁ, ବିଇଓ ଅଫିସ କର୍ମଚାରୀ ଓ ସାଙ୍ଗସୁଖ ଦେଖି ଜିଲ୍ଲା ପାର କରାଇବା ସହ ଜିଲ୍ଲା ଭିତରକୁ ଛାଡୁଥିବା ଅଭିଯୋଗ ହେଉଛି । ଫଳରେ କରୋନା ସଂକ୍ରମଣ ବ୍ୟାପିଚାଲିଛି ଜିଲ୍ଲାରେ । ଜି.ଉଦୟଗିରିର ବିଇଓ ଅଫିସ କର୍ମଚାରୀ ଶିକ୍ଷକ ମାନେ ବେଶ୍ ଆରାମରେ କଳିଙ୍ଗା ଗେଟ ପାର ହୋଇ ଗଞ୍ଜାମରୁ ଫେରୁଛନ୍ତି । ଲୁଚିଛପି ଯିବା ଆସିବା କରୁଥିବାରୁ କ୍ୱାରେଣ୍ଟାଇନରେ ରହିବା କଥା, ସେମାନେ ଆରାମରେ ଅଫିସ ଆସି କାମ କରୁଛନ୍ତି । ଫଳରେ କରୋନା ସଂକ୍ରମଣ ବ୍ୟାପୁଛି । ଲୋକେ ବି ଭୟଭୀତ ଅବସ୍ଥାରେ ଅଛନ୍ତି । ପୂର୍ବରୁ ବ୍ୟାଙ୍କ କର୍ମଚାରୀ, ଅଫିସର ମାନେ ଯା'ଆସ କରିବା ଫଳରେ ଜି.ଉଦୟଗିରିରେ କରୋନା ସଂକ୍ରମଣ ଢେର ବଢିଗଲା । ଏବେ ବି ଏଭଳି ଯା'ଆସ କରୁଛନ୍ତି ଲୋକେ । କେବଳ କଳିଙ୍ଗା ଗେଟ ନୁହେଁ, ଖଜୁରୀପଡାରେ ମଧ୍ୟ ଏକା ଅବସ୍ଥା । ଭୁବନେଶ୍ୱର ଯାଉଛନ୍ତି ଲୋକେ । ଗତକାଲି ମାଛ ଗାଡିକୁ କଳିଙ୍ଗା ଚେକଗେଟ୍ ଠାରେ ବିନା ପାସରେ ଫୁଲବାଣୀକୁ ଛାଡି ଦେଇଥିଲେ ଗେଟ୍ ଡ୍ୟୁଟିରେ ଥିବା କର୍ମଚାରୀ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଉପଜିଲ୍ଲାପାଳ ମାଛ ଗାଡି ଡ୍ରାଇଭରକୁ ଥାନାରେ ଅଟକ ରଖିବା ସହ ୫ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ । ସେହିପରି ଗଂଜାମରୁ ବୌଦ୍ଧ ଜିଲ୍ଲାର ଚାରିଛକ ଯାଉଥିବା ୩ ଜଣ ଯୁବକଙ୍କୁ ମଧ୍ୟ କଳିଙ୍ଗା ଗେଟ୍‌ରେ ଛାଡିଦେବା ଫଳରେ ସେମାନେ ଆସିଥିଲେ । ଗେଟ୍ ଗୁଡିକରେ ଦାୟୀତ୍ୱରେ ଥିବା ପୋଲିସ ଓ ଶିକ୍ଷକ ମାନେ ମୁହଁଦେଖା କାରବାର ସହ ପଇସା କାରବାର ମଧ୍ୟ କରୁଥିବା ଶୁଣିବାକୁ ମିଳୁଛି । ସ୍ଥଳବିଶେଷରେ ଖର୍ଚ୍ଚପାଣି ମିଳିଲେ ଛାଡି ଦେଉଥିବା ଜଣାପଡିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ନଦେଲେ ଆଗାମୀ ଦିନରେ ଜିଲ୍ଲାରେ କରୋନାକୁ ନିୟନ୍ତ୍ରଣ କରିବାରେ ପ୍ରଶାସନ ସଫଳ ହେବନି ବୋଲି ମତପ୍ରକାଶ ପାଉଛି ।

ପାରାଦ୍ୱୀପ ବନ୍ଦର ପକ୍ଷରୁ କାର୍ଯ୍ୟକ୍ଷମ ହେଲା କୋଭିଡ୍ ପ୍ରଯତ୍ନ କେନ୍ଦ୍ର

ପାରାଦ୍ୱୀପ ,୩।୮ (ନି.ପ୍ର): କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ବନ୍ଦର କର୍ମଚାରୀଙ୍କ ପାଇଁ ୫୦ସଜ୍ୟା ବିଶିଷ୍ଟା ଏକ କୋଭିଡ୍ ପ୍ରଜନ୍ କେନ୍ଦ୍ର ବା କୋଭିଡ୍ କେୟାର ସେଣ୍ଟର ସ୍ଥାନୀୟ ପୋର୍ଟ କ୍ଲବ ଠାରେ ସୋମବାର ଦିନ କାର୍ଯ୍ୟକ୍ଷମ ହୋଇଛି । ସୂଚାନ ଥାଉକି, ରାଜ୍ୟ ସରକାର ସ୍ଥାନୀୟ ଅଞ୍ଚଳରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପାରାଦ୍ୱୀପ ବନ୍ଦର ସହଯୋଗରେ ଏକ କୋଭିଡ୍ ଚିକିତ୍ସାଳୟ ସମେତ ବନ୍ଦର ସହରରେ ବିଭିନ୍ନ ସଂଘରୋଧକ କେନ୍ଦ୍ର ସ୍ଥାପନ କରିଛନ୍ତି । ଏତଦ୍ ବ୍ୟତୀତ ବନ୍ଦର ସମେତ ବିଭିନ୍ନ ଶିଳ୍ପ ଅନୁଷ୍ଠାନକୁ ନିଜ କର୍ମଚାରୀଙ୍କ ଚିକିତ୍ସା ନିମନ୍ତେ ନିଜସ୍ୱ ପ୍ରଯତ୍ନ କେନ୍ଦ୍ର ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର । ସୂଚାନ ଥାଉକି ଭବିଷ୍ୟତରେ କ୍ୱାର୍ଟର୍ସ ରେ ଗୃହ ସଂଘରୋଧ ରହିଲେ ଏବଂ ଯଦି କୋଭିଡ୍ ସଂକ୍ରମଣ ସେହି ବ୍ୟକ୍ତିର ଥାଏ ତେବେ ତାହା ପଡିଶା କ୍ୱାର୍ଟରକୁ ବ୍ୟାପିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଏହି ପ୍ରଯତ୍ନ କେନ୍ଦ୍ରରେ ସଂପୃକ୍ତ କର୍ମଚାରୀ ସଂଘରୋଧରେ ରହିବ । ଏଠାରେ ସମସ୍ତ ସୁବିଧା ସାଙ୍ଗକୁ ସମସ୍ତଙ୍କୁ ମାସ୍କ ବଣ୍ଟନ କରାଯିବ । କୋଭିଡ୍ ନିୟମ ଅନୁଯାୟୀ ସମସ୍ତ ମେଡିକାଲ ବର୍ଜ୍ୟବସ୍ତୁକୁ ସୁରକ୍ଷିତ ଭାବେ ପରିଚାଳନା କରାଯିବା ସହ କୋଭିଡ୍ ନିୟମକୁ କଡାକଡି ଭାବେ ପାଳନ କରାଯାଉଥିବା ବନ୍ଦର ଅଧକ୍ଷ ରିଙ୍କେଶ ରଏ କହିଛନ୍ତି ।

ବ୍ରହ୍ମପୁର ସହରରେ ସେରେଲୋଜିକାଲ ଟେଷ୍ଟ ଆରମ୍ଭ

ଗଞ୍ଜାମ,୩।୮ (ନି.ପ୍ର): ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରରେ ବିଏମସି ପକ୍ଷରୁ ଆଜି ଠାରୁ ସେରେଲୋଜିକାଲ୍ ସର୍ଭେ ଆରମ୍ଭ କରାଯାଇଛି । ଏଥିରେ ଜନସାଧାରଣଙ୍କ କରୋନା ପ୍ରତିରୋଧକ ଶକ୍ତି କେତେ ରହିଛି ତାହା ଜଣାପଡିବ । ଏଥିପାଇଁ ଗଠିତ ୫ଟି ଟିମ୍ ଆଜି ସହରର ୧୦ଟି ୱାର୍ଡ଼ରୁ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କ ରକ୍ତ ନମୂନା ସଂଗ୍ରହ କରିଛନ୍ତି । ଏହାକୁ ପରୀକ୍ଷା ପାଇଁ ଭୁବନେଶ୍ୱର ସ୍ଥିତ ଆଇସିଏମଆରକୁ ପଠାଯାଇଛି । ପରୀକ୍ଷା ପରେ ସେମାନଙ୍କ ଠାରେ କେତେ ମାତ୍ରାରେ ରୋଗ ପ୍ରତିରୋଧକ ଶକ୍ତି ରହିଛି ତାହା ଜଣାପଡିବ । କରୋନା ପ୍ରତିଶେଧକ ବ୍ୟବସ୍ଥା ନିମନ୍ତେ ଏହା ସହାୟକ ହେବ ।

ଗୋଟିଏ କବଲାକୁ ଦୁଇଥର ନାମଜାରୀ : ୧୬ ବର୍ଷ ପରେ ହେଲା ରେକର୍ଡ ସଂଶୋଧନ

ଭଦ୍ରକ,୩।୮ (ନି.ପ୍ର): ବିଚିତ୍ର ପ୍ରଶାସନ ନୀତି । ଜମିବାଡି କିଣାବିକା ପ୍ରସଙ୍ଗରେ ଗୋଟିଏ କବଲାକୁ ପର୍ଯ୍ୟାୟ କ୍ରମେ ଦୁଇଟି ନାମଜାରୀ କରାଯାଇଥିବା ଅଭିଯୋଗ ହୋଇଛି । ୧୬ ବର୍ଷ ପରେ ଜମି ମାଲିକ ଏହାର ଖୋଳତାଡ କରିବା ପରେ ଜିଲା ପ୍ରଶାସନ ନିକଟରେ ଦ୍ୱାରସ୍ଥ ହୋଇଥିଲେ । ଜିଲା ପ୍ରଶାସନ ପକ୍ଷରୁ ଏହାର ସଂଶୋଧନ କରାଯାଇଥିବାବେଳେ ମୂଳ ଜମି ମାଲିକ ଏହାକୁ ଦଖଲ ମଧ୍ୟ କରିଛନ୍ତି । ଉକ୍ତ

ମଙ୍ଗଳବାର,୦୪ ଅଗଷ୍ଟ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଠିପି ବନ୍ଦ ବିଦେଶୀ ମଦ ଦୋକାନରୁ ଲକ୍ଷାଧିକ ଟଙ୍କାର ମଦ ଚୋରି : ଇଣ୍ଡିଗୋ ଗାଡି ଛାଡି ପଳାଇଲେ ଦୁର୍ବୃତ

ଭୁବନ ,୩।୮ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ବେଠିଆପାଳ ମୌଜା ୨ ନମ୍ବର ୱାର୍ଡରେ ଥିବା ଏକ ଲାଇସେନ୍ସ ପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନରୁ ଗତକାଲି ବିଳମ୍ବିତ ରାତ୍ରିରେ ସଟର ଭାଙ୍ଗି ଲକ୍ଷାଧିକ ଟଙ୍କାର ମଦ ଓ ପଇସା ଚୋରି ହୋଇଥିବା ସଂପର୍କରେ ଭୁବନ ଥାନାରେ ଅଭିଯୋଗ ହୋଇଛି । ମଦ ଦୋକାନ ସେଲ୍ସ ମ୍ୟାନ ହୃଷିକେଶ ଦାସ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ,ଆଜି ସକାଳ ସାଢେ ୫ ଘଟିକା ସମୟରେ ଖବର ପାଇ ସେ ମଦ ଦୋକାନକୁ ଯାଇ ଦେଖିଲେ ଯେ ତାଙ୍କ ଦୋକାନ ସଟର ଭଙ୍ଗାଯାଇଛି ଓ ଗୋଟିଏ ନମ୍ବର ବିହୀନ ଇଣ୍ଡିଗୋ ଗାଡି ତାଙ୍କ ଦୋକାନ ନିକଟସ୍ଥ ଖାଲରେ ପଶିଯାଇଛି । ସେ ଗାଡି ଭିତରେ ବହୁ ପରିମାଣର ମଦ ଥିବା ବେଳେ ଆଖପାଖରେ ମଧ୍ୟ ବହୁ ମଦ ବୋତଲ ପଡିଥିଲା । ସେ ସଙ୍ଗେ ସଙ୍ଗେ ଭୁବନ ଥାନା ଓ କାମାକ୍ଷାନଗର ଅବକାରୀ ବିଭାଗକୁ ସୂଚନା ଦେଇଥିଲେ । ଭୁବନ ଥାନାଧିକାରୀ ଘଟଣାସ୍ଥଳକୁ ଆସିଲା ପରେ ଆଇଆଇସି ଙ୍କ ନିର୍ଦ୍ଦେଶରେ ସେ ଦୋକାନ ଭିତରେ ପ୍ରବେଶ କରିଥିଲେ । କ୍ୟାସ କାଉଁଟରରୁ ୮ ହଜାର ଟଙ୍କା ଚୋରି ହୋଇଥିବା ସହ ର୍ୟାକରୁ ମଧ୍ୟ ବହୁ ପରିମାଣର ମଦ ଚୋରି ହୋଇଥିବା ଜଣାପଡିଥିଲା । ସଟଡାଉନର ସୁଯୋଗ ନେଇ ଗତକାଲି ରାତି ମଦ ଦୋକାନ ସଟର ଭାଙ୍ଗି ବିପୁଳ ମଦ ଚୋରି କରିବା ଉଦ୍ଦେଶ୍ୟରେ ଦୁର୍ବୃତ ମାନେ ଆସି ଏଭଳି କାଣ୍ଡ କରିଥିଲେ । ମଦ ଚୋରିକରି ନେଇଯିବା ସମୟରେ ଅ□ନକ ଗାଡିଟି ଖାଲରେ ପଶିଯିବାରୁ ଦୁର୍ବୃତ ମାନେ ଗାଡି ଛାଡି ଯେତିକି ପାରିଲେ ସେତିକି ମଦ ନେଇ ପଳାଇଥିଲେ । ଏ ସଂପର୍କରେ ଭୁବନ ଥାନା ତରଫରୁ ତଦନ୍ତ ଜାରି ରହିଛି ।

ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦିନିକିଆ ଜିଲ୍ଲା ଗସ୍ତ : ବାଲେଶ୍ୱର ସହରକୁ ଯୋଜନା ବର୍ଷା

ବାଲେଶ୍ୱର,୩।୮ (ନି.ପ୍ର): ସଦର ବିଧାୟକ ମଦନ ମୋହନ ଦତ୍ତଙ୍କ ବିୟୋଗ ପରେ ଏହି ଆସନର ଉପ-ନିର୍ବାଚନ ପାଇଁ ଏବେ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଜି ଦିନିକିଆ ଗସ୍ତରେ ଆସିଥିବା ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ବାଲେଶ୍ୱର ପୌରାଞ୍ଚଳ ନିମନ୍ତେ କୋଟି କୋଟି ଟଙ୍କାର ଯୋଜନା ବର୍ଷା କରିଛନ୍ତି । ଜିଲ୍ଲାର କୋଭିଡ୍-୧୯ ପରିଚାଳନା ସାଙ୍ଗକୁ ସରକାରୀ ଯୋଜନା କାର୍ଯ୍ୟକାରିତା ଉପରେ ସେ ସମୀକ୍ଷ କରିବା ସହିତ ସହର ବିକାଶର ଆଗାମୀ ପ୍ରସ୍ତାବିତ କୋଟି କୋଟି ଟଙ୍କାର ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସର୍କିଟ ହାଉସ ପରିସରରେ ଆୟୋଜିତ ଏକ ମିଡିଆ ବ୍ରିଫିଙ୍ଗ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଜେନା ଯୋଗଦେଇ ସାମ୍ବାଦିକଙ୍କୁ ଅବଗତ କରିଛନ୍ତି । ସାମ୍ପ୍ରତିକ ମହାମାରୀ ସମୟରେ ଜୀବନ ଓ ଜୀବିକାର ସୁରକ୍ଷାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଏନେଇ ସବୁ ମହଲରୁ ସହଯୋଗ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ସଂକଟାପନ୍ନ କରୋନା ରୋଗୀଙ୍କୁ ବଞ୍ଚାଇବା ପାଇଁ ବାଲେଶ୍ୱରରେ ପ୍ଲାଜମା ଥେରାପି ଚିକିତ୍ସା ପ୍ରକ୍ରିୟା ଏବେ ଆରମ୍ଭ ହୋଇଥିବା ସେ କହିଥିଲେ । ସେହିପରି ବାଲେଶ୍ୱର ଜିଲ୍ଲାରେ କରୋନା ସଂକ୍ରମଣ ସ୍ଥିତି ନିୟନ୍ତ୍ରିତ ଥିଲେ ହେଁ ଆଗକୁ ଏହାର ସୁପରିଚାଳନା ପାଇଁ ପ୍ରଶାସନ ଉଦ୍ୟମ ଜାରି ରହିଥିବା ବେଳେ ଜନସାଧାରଣ ମଧ୍ୟ ମାସ୍କ ଓ ସାନିଟାଇଜର ବ୍ୟବହାର ଓ ସାମାଜିକ ଦୂରତା ରକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦେବା ଉଚିତ ବୋଲି ସେ କହିଥିଲେ । ଅନ୍ୟପକ୍ଷରେ ଜିଲ୍ଲାର ପ୍ରତ୍ୟେକ ଘରେ ପାନୀୟ ଜଳ ଯୋଗାଣ ନିମନ୍ତେ ମେଗା ୱାଟର ସପ୍ଲାଇ ପ୍ରୋଜେକ୍ଟ କାର୍ଯ୍ୟ ଆରମ୍ଭ ଓ ବାଲେଶ୍ୱର ସହରରେ ୨୦,୭୭୭ ପରିବାରକୁ ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ମନ୍ତ୍ରୀ ଶ୍ରୀ ଜେନା କହିଥିଲେ । ବାଲେଶ୍ୱର ସହରରେ କାର୍ଯ୍ୟକାରୀ ଅମୃତ ଯୋଜନାରେ ୧୦ ଗୋଟି ପ୍ରକଳ୍ପରୁ ୭ ଗୋଟି ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅନ୍ୟ ୩ ଟି ଖୁବଶୀଘ୍ର ଶେଷ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ସହରରେ ପାଇପ୍ ବିଛାଇବା କାର୍ଯ୍ୟରେ ନଷ୍ଟ ହୋଇଥିବା ରାସ୍ତାକୁ ତୁରନ୍ତ ମରାମତି ପାଇଁ ସେ ପୂର୍ତ ବିଭାଗ ଯତ୍ନବାନ ଥିବା ସେ କହିଥିଲେ । ସେହିପରି ବାଲେଶ୍ୱର ପୌରାଂଚଳରେ କୋଟିଏ ଲେଖାଏଁ ଟଙ୍କା ବ୍ୟୟ ଅଟକଳରେ ଅତ୍ୟାଧୁନିକ ଶ୍ମଶାନ ଓ ସ୍ମାର୍ଟ ପାର୍କ ନିର୍ମାଣ ପାଇଁ ନିଷ୍ପତି ନିଆଯାଇଥିବା ସମ୍ପର୍କରେ ସେ ସୂଚନା ଦେଇଥିଲେ । ଏଥି ସହିତ ବାଲେଶ୍ୱର ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସେ କହିଥିଲେ । ସହରର ବିଭିନ୍ନ ଅଞ୍ଚଳରେ ୫ ଗୋଟି ମାଇକ୍ରୋ କମ୍ପୋଷ୍ଟିଂ ପ୍ଲାଣ୍ଟ ଓ ୫ ଗୋଟି ମେଟେରିଆଲ ରିକୋଭରିଂ ପ୍ଲାଣ୍ଟ ସ୍ଥାପନ ପ୍ରକ୍ରିୟା ଜାରି ରହିଛି । ସେହିପରି ନୂଆବଜାର ମାର୍କେଟର ସମ୍ପୂର୍ଣ୍ଣ ନବୀକରଣ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ପ୍ରସ୍ତୁତି ଏବଂ ଏମଜିନରେଗା ଯୋଜନାରେ ବିଭିନ୍ନ ସ୍କୁଲରେ ପାର୍କ ନିର୍ମାଣ ନିଷ୍ପତି, ବଲେଶ୍ୱର ସହରର ୪ ଗୋଟି ମୁଖ୍ୟ ରାସ୍ତା ଯଥା ଆଇଟିଆଇଛକରୁ ତାମୁଲିଆ, ବିଦ୍ୟୁତ୍ ମାର୍ଗରୁ ଶୋଭାରାମପୁର ରେଲୱେ ଗେଟ୍, ସହଦେବଖୁଣ୍ଟା ଓଭରବ୍ରିଜ୍‌ରୁ ସହଦେବଖୁଣ୍ଟା ଦୁର୍ଗାମଣ୍ଡପ ଏବଂ ସହଦେବଖୁଣ୍ଟା ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟଠାରୁ ସୂରଜ ହୋଟେଲ ପର୍ଯ୍ୟନ୍ତ ରାସ୍ତାରେ ନୂତନ ଭାବେ ଷ୍ଟ୍ରିଟ୍ ଲାଇଟ୍‌ବ୍ୟବସ୍ଥା କରାଯିବ ସହ ଅନ୍ୟାନ କୋଟି କୋଟି ଟଙ୍କାର ବହୁ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଥିବା ମନ୍ତ୍ରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି । ତେବେ ହଠାତ୍ ନିର୍ଦ୍ଦିଷ୍ଟ ବାଲେଶ୍ୱର ସହର ପାଇଁ ଏଭଳି ଲୋକାଭିମୁଖୀ ପ୍ରକଳ୍ପ ବର୍ଷା ପଛର କାରଣ କ'ଣ ହୋଇପାରେ ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଶିକ୍ଷାବିତ୍ ପ୍ରଫେସର ଜୟନ୍ତ ଦାସଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ

ଜଳେଶ୍ୱର,୩।୮ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳର ଅନ୍ୟତମ ଶିକ୍ଷାବିତ୍, ସଂଗଠନ ପ୍ରେମୀ, ବିବେକାନନ୍ଦ ଦର୍ଶନର ଉଦ୍‌ଗାତା, ମିଷ୍ଟଭାଷୀ, ଆଧ୍ୟାତ୍ମୀକବାଦୀ ପ୍ରଫେସର ଜୟନ୍ତ ଦାସଙ୍କ ଆଜି ସୋମବାର ୯.୫୦ମି.ରେ ୬୮ ବର୍ଷ ବୟସରେ ଦେହାନ୍ତ ହୋଇଛି । ସେ ଗତ ୩୦ ତାରିଖରେ ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ବାଲେଶ୍ୱର ଓ ପରେ ଭୁବନେଶ୍ୱର ଆପୋଲ ହସ୍‌ପିଟାଲରେ ଚିକିତ୍ସାପାଇଁ ଭର୍ତ୍ତି କରାଯାଇଥିଲା । ପରିସ୍ଥିତିର ଉନ୍ନତି ନ ଘଟିବାରୁ କେୟାର ହସ୍‌ପିଟାଲର କ୍ରିଟିକାଲ ଆଇସିୟୁରେ ରହି ଭେଣ୍ଟିଲେଟରରେ ଚିକିତ୍ସିତ ହେଉଥିଲେ । ପୁଅ ଇଂ ରାମକୃଷ୍ଣ ଦାସ ଓ ଶାଳକ ତଥା ସମ୍ବାଦର ଭୁବନେଶ୍ୱର ସଂସ୍କରଣର ମୁଖ୍ୟ ଗୌତମବୁଦ୍ଧ ଦାସ, ଶ୍ୟାମଲ କିଶୋର ଦାସ, ଜୟଦେବ ଦାସ, ସୁମନ ଦାସ ପ୍ରମୁଖ ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ । ସେ ଗତ କିଛିଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ଥିଲେ । ଆଜି ତାଙ୍କ ମର ଶରୀର ନିଜ ଗାଁ ଜଳେଶ୍ୱରର ଗୋପ ଠାରେ ପହଞ୍ଚିବାପରେ ଜଳେଶ୍ୱରର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି । ଡ. ରମାକାନ୍ତ ଭଂଜ, ଜିତାରାମ ଦେ, ବିପିନ ବିହାରୀ ବିଶ୍ୱାଳ, ଡ. ଅଜିତ୍ କୁମାର ମହାନ୍ତିଙ୍କ ସହିତ ଶହ ଶହ ବ୍ୟକ୍ତି ପ୍ରତିକୂଳ ପାଗସତ୍ତ୍ୱେ ଜଳେଶ୍ୱରରୁ ଗୋପଯାଏ ସାମାଜିକ ଦୂରତା ରକ୍ଷାକରି ଶବାଧରରେ ଯାଇଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ଦୀନକୃଷ୍ଣ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଚିତ୍ତରଂଜନ ସାହୁ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର, ପ୍ରଫୁଲ୍ଲ କୁମାର ପାଠୀ, ରାଧାରଂଜନ ସାହୁ, ଦିଲ୍ଲିପ ଗିରି. ଶିକ୍ଷକ ମନୋରଂଜନ ଦାସ, ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜୟନାରାୟଣ ମହାନ୍ତି, ଦେବୀ ପ୍ରସନ୍ନ ଚନ୍ଦ୍ର, ସୁବାସିନୀ ଜେନା, ପ୍ରବୀର କୁମାର ପ୍ରଧାନ, ପ୍ରତୀପ କୁମାର ପ୍ରଧାନ, ଧ୍ରୁବ ପାଳ, ମନୋରଂଜନ ଦାସ, ଲେଲିନ୍ ପ୍ରଧାନ, ସୁନୀଲ ପରିଡା, ଦିଲ୍ଲୀପ ଗିରି, ଡ. ଲଳିତ ରଂଜନ ସେନାପତି , ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଶୋକ ପ୍ରକାଶ କରିଛନ୍ତି । ସେ ଦୀନକୃଷ୍ଣ କଲେଜ ଛାତ୍ର ଥାଇ ନଳଗଜା ଓ ଦୀନକୃଷ୍ଣ କଲେଜରେ ଅର୍ଥନିତୀ ବିଭାଗରେ ପ୍ରାଧ୍ୟାପକ ଭାବେ ସୁଚାରୁରୂପେ କାର୍ଯ୍ୟକରି ଯଶସ୍ୱୀ ହୋଇଥିଲେ । ଜେଣ ଛାତ୍ରନେତାଭାବେ ନିଜକୁ ପ୍ରତିଷ୍ଠିତ କରିଥିବା ବେଳେ ରାମକୃଷ୍ଣ ମିଶନର ସଦସ୍ୟ, ସାଇସେବା ସମିତି, ସତ୍ୟସାଇ ସଂଗଠନର ସଦସ୍ୟଭାବେ ସମସ୍ତଙ୍କର ଅତି ଅନ୍ତରଂଗ ହୋଇପାରିଥିଲେ । ଆଜି ତାଙ୍କ ପୈତୃକ ବାସସ୍ଥାନ ନିକଟରେ ସମାଧି ଦେବାବେଳେ ସହଧର୍ମିଣୀ ଅନିନ୍ଦିତା ଦାସ, ବୋହୂ ଡ. ଅଭିଶ୍ରେତା ମହାନ୍ତି, ସମୁଦୁଣି ମଧୁଛନ୍ଦା ମହାନ୍ତି, ବଡଝିଅ ସୁଧାରାଣୀ ଦାସ, ସାନ ଝିଅ ରାଧାରାଣୀ ଦାସ, ଜ୍ୱାଇଁ, ପୁତୁରା ଓ ପରିବାରବର୍ଗ ଉପସ୍ଥିତ ଥିଲେ ।

ଟିଏମ୍‌ସି କେନ୍ଦ୍ରରେ ରକ୍ଷାବନ୍ଧନ ଉତ୍ସବ ପାଳିତ

ଜଳେଶ୍ୱର,୩।୮ (ନି.ପ୍ର): ରାଜପୁର ପଂଚାୟତର ବାଘାବାଳୀ ଉନ୍ନିତ ବିଦ୍ୟାଳୟ ଟିଏମ୍‌ସିରେ ପ୍ରବାସୀ ଓଡିଆମାନେ ପ୍ରବାସୀ ଭାଇ ମାନଙ୍କ ହାତରେ ଆଜି ରାକ୍ଷୀ ବାନ୍ଧି ଏକ ଉଦାହରଣ ସୃଷ୍ଟି କରିଛନ୍ତି । ସାମାଜିକ ଦୂରତା ରକ୍ଷା କରି ଗ୍ଲୋବସ୍, ମାସ୍କ, ସାନିଟାଇଜର ବ୍ୟବହାର କରି ଏହି ଉତ୍ସବ ଭଉଣୀମାନେ ମନାଇଥିଲେ । କିଛିସମୟ ଧରି ରକ୍ଷା ବନ୍ଧନ ଉତ୍ସବ ଓ ମିଷ୍ଟାନ ଭକ୍ଷଣ ସମସ୍ତଙ୍କୁ ସ୍ମୃତିଚାରଣ କରାଇଥିଲା । ସରପଂଚ ଦିଲ୍ଲିପ କୁମାର ପରିଡାଙ୍କ ନେତୃତ୍ୱରେ ଆଜି ଏହି କାର୍ଯ୍ୟକ୍ରମ ବେଶ୍ ଉପଭୋଗ୍ୟ ହୋଇଥିଲା ।

ଦିନକରେ ୭୯ ସ୍ଥାନୀୟ ସଂକ୍ରମଣ : ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୯୧ ଛୁଇଁଲା

ବାଲେଶ୍ୱର,୩।୮ (ନି.ପ୍ର): ଦିନକୁ ଦିନ ଦେଶରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ସବୁ ବର୍ଗର ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଅଦ୍ୟାବଧି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୮ ଲକ୍ଷ ଟପି ଯାଇଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୩୮ହଜାର ଅତିକ୍ରମ କରିଛି । ଅନୁରୂପ ଭାବେ ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ୧୩୮୪ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ସହ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୬ହଜାର ୨୯୭ରେ ପହଞ୍ଚିଛି । ତେବେ ଅଦ୍ୟାବଧି ୨୧,୯୫୫ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୪,୦୯୪ଜଣ ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ଚିକିତ୍ସା କରାଯାଉଛି । ଅନ୍ୟପକ୍ଷରେ ଆଜି ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ ଅଦ୍ୟାବଧି କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୨୦୭ରେ ପହଞ୍ଚିଛି । ସେହିଭଳି ବାଲେଶ୍ୱରରେ ଗତ କିଛିଦିନ ଧରି କ୍ରମାଗତ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଯାଇଛି । ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି । ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେବାକୁ ବସିଥିବା ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି । ତେବେ ଅନ୍ୟଦିନ ତୁଳନାରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୭୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୯୧ରେ ପହଞ୍ଚିଛି । ଅଦ୍ୟାବଧି ୭୪୧ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୩୪୪ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି । ତେବେ ସବୁଠାରୁ ବଡ଼କଥା ହେଲା ଆଜି ଗୋଟିଏ ଦିନରେ ଚିହ୍ନଟ ହୋଇଥିବା ସମସ୍ତ ପଜିଟିଭ୍ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି । ସମସ୍ତେ ପୂର୍ବ ପଜିଟିଭଙ୍କ ସଂସ୍ପର୍ଶ ଆସି ସଂକ୍ରମିତ ହୋଇଥିବା କୁହାଯାଉଥିବା ବେଳେ ଏବେ ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ କରିବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଛି । ଗତ କିଛିଦିନ ଧରି ଜିଲ୍ଲାରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ଚଳିତ ଅଗଷ୍ଟ ମାସରେ ସଂଗୀନ ସ୍ଥିତିରେ ପହଞ୍ଚାଇବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କଲେଣି । ଏଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

ମହିଳା ମୋର୍ଚ୍ଚାର ରକ୍ଷାବନ୍ଧନ ଓ ସମରସତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର,୩।୮ (ନି.ପ୍ର): ବିଜେପି ମହିଳା ମୋର୍ଚ୍ଚା ତରଫରୁ ପବିତ୍ର ରକ୍ଷାବନ୍ଧନ ଓ ସମରସତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୋଭିଡ୍-୧୯ ଜନିତ କଟକଣା କାରଣରୁ ଏହି କାର୍ଯ୍ୟକ୍ରମଟି ଭିଡିଓ କନଫରେନ୍ସ ମଧ୍ୟମରେ ଅନୁଷ୍ଠିତ ହୋଇଥିଲା । ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପବିତ୍ର ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ରାଜ୍ୟ ଉପ ସଭାନେତ୍ରୀ ସୁକେଶୀ ଓରାମ, ପ୍ରଭାତୀ ପରିଡା, ଅନୀତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସଂପାଦିକା ପିଙ୍କି ପ୍ରଧାନ, ସିପ୍ରା ବାଜପେୟୀ, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ ପ୍ରମୁଖଙ୍କ ସମେତ ମହିଳା ମୋର୍ଚ୍ଚାର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ କୋଭିଡ୍ ଯୋଦ୍ଧାମାନଙ୍କୁ ରକ୍ଷା ବନ୍ଧନ କରିଥିଲେ ।

କଟକରେ ଗତ ୨୪ ଘଂଟା ମଧ୍ୟରେ ୧୪୩ ଜଣ ମାସ୍କ ପିନ୍ଧି ନ ଥିବାରୁ ଜୋରିମାନା

ଭୁବନେଶ୍ୱର,୩।୮ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ ୧୪୩ ଜଣ ମାସ୍କ ପିନ୍ଧି ନ ଥିବା କାରଣରୁ ଜୋରିମାନା ଆଦାୟ ହୋଇଛି । ସେହିପରି ଏହି ସମୟ ମଧ୍ୟରେ ୩୫୪ ଜଣ ସାମାଜିକ ଦୂରତ୍ୱ ନିୟମ ଅମାନ୍ୟ କରିଥିବା ନେଇ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

ବଜ୍ରାଘାତରେ ଚାଷୀ ମୃତ

ନୀଳଗିରି,୩।୮ (ନି.ପ୍ର): ଚାଷ କରି ପରିବାରଙ୍କ ମୁହଁରେ ଆହାର ଯୋଗାଇବାର ସ୍ୱପ୍ନ ଚାଷୀର ଚାଷ କିଆରୀରେ ମିଶି ଗଲା ।ଆଉ ଦେଇ ଗଲା ପରିବାରକୁ ଦୁଃଖର ପାହାଡ ।ବିଲରେ କାମ କରି ମୁଣ୍ଡ ଝାଳ ତୁଣ୍ଡରେ ମାରି ଧାନ ଅମଳର ଆଶା ନେଇ ବିଲକୁ ଯାଇଥିବା ବେଳେ କେଇ ସେକେଣ୍ଡ ଭିତରେ ମଉଳି ଗଲା ସବୁ ସ୍ୱପ୍ନ ।ଆଉ ବଜ୍ରାଘାତରେ ଚାଷୀ ଜଣଙ୍କ ଟଳି ପଡିଲେ ତାଙ୍କ ଚାଷ କିଆରିରେ ।ଏଭଳି ହୃଦୟବିଦାରକ ଘଟଣା ଘଟିଛି ନୀଳଗିରି ବ୍ଲକ ଆରବନ୍ଧ ପଞ୍ଚାୟତରେ ।ସୂଚନା ଥାଉ କି ଉକ୍ତ ଗ୍ରାମର ମକରା ବିଶ୍ୱାଳଙ୍କ ପୁଅ ନିତ୍ୟାନନ୍ଦ ବିଶ୍ୱାଳ(୪୬) ବିଲକୁ ସାର ପକାଇବା ପାଇଁ ଯାଇଥିଲେ ।ସେ ବିଲରେ ସାର ପକାଉ ଥିବା ସମୟରେ ହଠାତ ବର୍ଷା ସାଙ୍ଗକୁ ବଜ୍ରପାତ ହେବାରୁ ତାଙ୍କ ଦେହରେ ବିଜୁଳିର ପ୍ରଭାବ ଲାଗିବା ଦ୍ୱାରା ସେ ତାଙ୍କ ଚାଷ କିଆରିରେ ଟଳି ପଡିଥିଲେ ।ବହୁ ସମୟ ଧରି ଘରକୁ ନ'ଦେଖିବାରୁ ପରିବାର ଲୋକ ଖୋଜିବା ପାଇଁ ବିଲକୁ ଯାଇଥିଲେ ।ମାତ୍ର ବିଲ ପାଣିରେ ଶୋଇ ରହିଥିବାର ଦେଖିବାକୁ ପାଇ ଗ୍ରାମବାସୀ ଏବଂ ପରିବାର ଲୋକ ସଙ୍ଗେସଙ୍ଗେ ବରହମପୁର ଡାକ୍ତରଖାନାକୁ ଆଣି ଥିଲେ ।ବରହମପୁର ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଡାକ୍ତରଖାନାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।ନିତ୍ୟାନନ୍ଦ ଜଣେ ନବନିର୍ମାଣ କୃଷକ ସଂଗଠନର ସକ୍ରିୟ ସଦସ୍ୟ ଭାବେ ଚାଷୀ ମାନଙ୍କର ସମସ୍ୟାରେ ଆଗ ଧାଡିରେ କାର୍ଯ୍ୟ କରୁଥିବାର ଜଣାଯାଇଛି ।ଏନେଇ ବରହମପ